RNI No.ODIODI/2010/33031
୧୭ ବର୍ଷ Volume-17
ISSUE -75 ସଂଖ୍ୟା-୭୫
ଭୁବନେଶ୍ୱର, ଶନିବାର ୩୦ ମଇ ୨୦୨୬
Bhubaneswar, Saturday 30 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ନିଟ ୟୁଜି ପ୍ରଶ୍ନପତ୍ର ଲିକ୍: ଏନଟିଏ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୯।୫: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ଘଟଣାରେ ସୁପ୍ରିମକୋର୍ଟ ଶୁକ୍ରବାର ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏକ)କୁ କଡ଼ା ସମାଲୋଚନା କରିଛନ୍ତି। ନିରୀକ୍ଷଣ ବ୍ୟବସ୍ଥା ଓ ଉଚ୍ଚସ୍ତରୀୟ କମିଟି ଥିବା ସତ୍ତ୍ୱେ ଏତେ ବଡ଼ ସୁରକ୍ଷା ତ୍ରୁଟି କେମିତି ଘଟିଲା ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି।

ୟୁପିଏସସି ପରୀକ୍ଷା ସହ ତୁଳନା କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଦେଶର ସର୍ବୋଚ୍ଚ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଏପରି ଘଟଣା କେବେ ଘଟିନାହିଁ। ତେଣୁ ସେହି ବ୍ୟବସ୍ଥାରୁ ଶିକ୍ଷା ନେବାର ଆବଶ୍ୟକତା ଏନଟିଏକୁ ରହିଛି।

ନିଟ ୟୁଜି ପ୍ରଶ୍ନପତ୍ର ଲିକ ମାମଲାରେ ସଲିସିଟର ଜେନେରାଲ ତୁଷାର ମେହତା ଆଜି ଏନଟିଏ ଓ ଇସ୍‌ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକୃଷ୍ଣଙ୍କ ନେତୃତ୍ୱରେ ଗଠିତ ଉଚ୍ଚ ସ୍ତରୀୟ କମିଟି ପକ୍ଷରୁ ପକ୍ଷ ରଖିବା ବେଳେ ସୁପ୍ରିମକୋର୍ଟ ଏପରି ମତ ରଖିଛନ୍ତି। ଏନଟିଏ ଓ ଡକ୍ଟର ରାଧାକୃଷ୍ଣ ଦାଖଲ କରିଥିବା ସତ୍ୟପାଠକୁ କୋର୍ଟ ବିଚାରକୁ ନେଇଛନ୍ତି ଓ ସତ୍ୟପାଠ ଦାଖଲ ପାଇଁ କେନ୍ଦ୍ରକୁ ଅତିରିକ୍ତ ସମୟ ଦେଇଛନ୍ତି। ଏହି ସମୟରେ ପୂର୍ବତନ ଇସ୍‌ରୋ ଅଧ୍ୟକ୍ଷ ଡ. କେ ରାଧାକୃଷ୍ଣନଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସ ଲାଗୁ ହେବା ପରେ କେତେ ଦୂର ଏହାକୁ ପାଳନ କରାଯାଇଛି ଓ କମିଟି କେଉଁ ଦିଗକୁ ଠିକ ଭାବେ ଆକଳନ କରି ପାରି ନଥିଲା, ଯେଉଁଥି ପାଇଁ ପ୍ରଶ୍ନପତ୍ର ଲିକ୍ ଘଟିଲା ବୋଲି ବୋଲି ଜଷ୍ଟିସ ପିଏସ୍ ନରସିମା ପ୍ରଶ୍ନ କରିଛନ୍ତି।



ଡକ୍ଟର ରାଧାକୃଷ୍ଣ ପ୍ରଥମେ ଉଚ୍ଚ ସ୍ତରୀୟ କମିଟର ଅଧ୍ୟକ୍ଷତା କରୁଥିଲେ। ଏହାପରେ ତାଙ୍କୁ ମନିଟରିଂ କମିଟିରେ ନିଯୁକ୍ତି ମିଳିଥିଲା। ବାସ୍ତବରେ ସେ କେତେ ପରିମାଣର ନୀରିକ୍ଷଣ କରିଥିଲେ ବୋଲି ଜଷ୍ଟିସ ନରସିମା ପଚାରିଛନ୍ତି।

ଡ. ରାଧାକୃଷ୍ଣନ କହିଥିଲେ ଯେ ପରୀକ୍ଷାର ସୁରକ୍ଷା ଓ ପ୍ରଶାସନକୁ ମଜବୁତ କରିବା ପାଇଁ କମିଟି ମୋଟ ୧୦୧ଟି ସୁପାରିସ କରିଥିଲା। ସେଥିରୁ ୬୦ଟି ସ୍ୱଳ୍ପକାଳୀନ ସୁପାରିସ ୨୦୨୫-୨୬ ପରୀକ୍ଷା ଚକ୍ର ପାଇଁ ଥିଲା। ଅଧିକାଂଶ ସୁପାରିସ ଲାଗୁ ହୋଇସାରିଛି ଓ ଅନ୍ୟଗୁଡ଼ିକ କାର୍ଯ୍ୟକାରୀ ହେଉଛି।ପ୍ରଶ୍ନପତ୍ର ଲିକ୍ କିପରି ଘଟିଲା ବୋଲି ପଚାରିବାରୁ ଡ. ରାଧାକୃଷ୍ଣନ କହିଥିଲେ ଯେ ସମସ୍ୟା ପ୍ରଶ୍ନପତ୍ର ପ୍ରସ୍ତୁତି ପ୍ରକ୍ରିୟାରେ ଥିଲା। ଏବେ ସେହି ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ କରାଯାଉଛି। ସୁରକ୍ଷିତ ପରୀକ୍ଷା ପରିଚାଳନା ଢାଞ୍ଚା ଆରମ୍ଭ ହୋଇଛି ଓ ଏଥିରେ ଅଭୂତପୂର୍ବ ସୁଧାର ଆସିଛି ବୋଲି ସେ କୋର୍ଟଙ୍କୁ ଜଣାଇଛନ୍ତି।

ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ କେବଳ ସୁଧାର ହେଲେ ଚାଲିବ ନାହିଁ। ଦାୟିତ୍ୱ ନିର୍ଦ୍ଧାରଣ ହେବା ଆବଶ୍ୟକ। ପ୍ରକୃତ ସମସ୍ୟା ସେତେବେଳେ ପର୍ଯ୍ୟନ୍ତ ବନ୍ଦ ହେବ ନାହିଁ, ଯେପର୍ଯ୍ୟନ୍ତ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ହେବ ନାହିଁ।

ସଲିସିଟର ଜେନେରାଲ୍ ତୁଷାର ମେହେତା କୋର୍ଟକୁ ଜଣାଇଥିଲେ ଯେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ଜାରି ରହିଛି। ଜୁନ୍ ୨୧ରେ ହେବାକୁ ଥିବା ପୁନଃପରୀକ୍ଷା ପୂର୍ବରୁ ନୂତନ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ।ଏହି ପ୍ରସଙ୍ଗକୁ ସର୍ବୋଚ୍ଚ ସରକାରୀ ସ୍ତରରେ ନଜର ରଖାଯାଉଛି। ପ୍ରଧାନମନ୍ତ୍ରୀ ନିଜେ ଏହାର ତଦାରଖ କରୁଛନ୍ତି।

# ଜୁନ୍ ୧ରେ ଲୋକଙ୍କ ସହ ସିଧା କଥା ହେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯।୫(ନି.ପ୍ର.): ପୁଣି ଥରେ ସାଧାରଣ ଲୋକଙ୍କ ସମସ୍ୟା ଶୁଣିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ଜୁନ୍ ୧ ତାରିଖ ସୋମବାର ସକାଳ ୮ଟାରେ ଭୁବନେଶ୍ୱର ୟୁନିଟ୍-୨ ଅଶୋକ ନଗରସ୍ଥିତ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ହେବ ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ। ଏନେଇ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଜନ ଶୁଣାଣି ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଲୋକମାନେ ସିଧାସଳଖ ଭାବେ ନିଜର ସମସ୍ୟା, ଅଭିଯୋଗ ଓ ଦାବି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିପାରିବେ। ବିଶେଷ କଥା ହେଉଛି, ଗତ ଏପ୍ରିଲ ୨୭ ତାରିଖରେ ହେବାକୁ ଥିବା ଜନ ଶୁଣାଣି ପାଇଁ ଯେଉଁ ଆବେଦନକାରୀମାନେ ପୂର୍ବରୁ ପଞ୍ଜିକରଣ କରିଥିଲେ, ସେମାନେ ଜୁନ୍ ୧ରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ନିଜ ଅଭିଯୋଗ ରଖିପାରିବେ। ଏଥିପାଇଁ ସେମାନଙ୍କୁ ପୁନର୍ବାର ପଞ୍ଜିକରଣ କରିବାକୁ ପଡ଼ିବ ନାହିଁ ବୋଲି ଉଗଡ଼ ସ୍ପଷ୍ଟ କରିଛି।ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ଏବଂ ସରକାରଙ୍କ ସହ ସାଧାରଣ ଜନତାଙ୍କ ସିଧାସଳଖ ସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟରେ ଏହି ଜନ ଶୁଣାଣି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

# ଓଡିଶାକୁ ଅଶ୍ୱିନୀ ବୈଷ୍ଣବଙ୍କ ଅଭିନନ୍ଦନ

ଭୁବନେଶ୍ୱର, ୨୯।୫(ନି.ପ୍ର.): ଭାରତ ସେମିକଣ୍ଡକ୍ଟର ମିସନରେ ଓଡିଶା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ଯାଉଛି। ରାଜ୍ୟରେ ଅତ୍ୟାଧୁନିକ ସବ୍‌ଷ୍ଟ୍ରେଟ୍‌ମାନୁଫାକ୍‌ଚରିଂ ପ୍ରଯୁକ୍ତି ଆରମ୍ଭ କରିବା ପାଇଁ ଇଣ୍ଟେଲ୍‌ଓ ୩ଡି ଗ୍ଲାସ୍‌ସଲ୍ୟୁସନ୍ସ ସହିତ ରାଜ୍ୟ ସରକାର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ସହଯୋଗିତା ଦେଶରେ ଏକ ସମ୍ପୂର୍ଣ୍ଣ ଓ ଆତ୍ମନିର୍ଭରଶୀଳ ଇଲେକ୍‌ଟ୍ରୋନିକ୍ସ ଯୋଗାଣ ଶୃଙ୍ଖଳ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସେମିକଣ୍ଡକ୍ଟର ଉତ୍ପାଦନରେ ସବ୍‌ଷ୍ଟ୍ରେଟ୍‌ମାନୁଫାକ୍‌ଚରିଂର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ବିଭିନ୍ନ ପ୍ରକାର ଇଲେକ୍‌ଟ୍ରୋନିକ୍ସ ଡିଭାଇସ୍‌ରେ ବ୍ୟବହାର ହେଉଥିବା ଚିପ୍‌ର କନେକ୍ସନ ଓ ସହାୟକ ଢାଞ୍ଚାକୁ ଏହା ସକ୍ଷମ କରିଥାଏ। ଏହି ବୁଝାମଣା ପାଇଁ ସେ ଓଡିଶା ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସହଯୋଗିତା ଚିପ୍‌ପ୍ୟାକେଜିଂ ଓ ତତ୍‌ସଂକ୍ରାନ୍ତୀୟ ପ୍ରଯୁକ୍ତିରେ ଦେଶର ଦକ୍ଷତାକୁ ବାଢ଼ଇବ। କୃତ୍ରିମ ବୁଦ୍ଧିମତ୍ତା (ଏଆଇ), ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ଓ ପରବର୍ତ୍ତୀ ପିଢ଼ି କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ପାଇଁ ଏହା ସହାୟକ ହେବ। ଇଣ୍ଟେଲ ଓ ୩ଡି ଗ୍ଲାସ୍‌ସଲ୍ୟୁସନ୍ସ ସହିତ ଓଡିଶାର ସହଯୋଗିତା ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଭାରତର ସ୍ଥିତିକୁ ସୁଦୃଢ଼କରିବ। ଏହି ରାଜିନାମା ସ୍ୱାକ୍ଷର ଅବସରରେ ମୁଖ୍ୟ ସଚିବ ଅନୁ ଗର୍ଗ, ଇଲେକ୍‌ଟ୍ରୋନିକ୍ସ ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଓ କମ୍ପାନିଗୁଡିକର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଗତ ଏପ୍ରିଲ୍‌ରେ ଇନ୍‌ଫୋଭ୍ୟାଲିରେ ଭାରତର ପ୍ରଥମ ଅତ୍ୟାଧୁନିକ ୩ଡି ଚିପ୍‌ପ୍ୟାକେଜିଂ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ୩ଡି ଗ୍ଲାସ୍‌ସଲ୍ୟୁସନ୍ସର ଏହି ପ୍ରକଳ୍ପରେ ୨୦୦୦ କୋଟି ଟଙ୍କା ନିବେଶ ହେବ। ଏଥିରେ ବାର୍ଷିକ ୭୦,୦୦୦ ଗ୍ୟାସ୍‌ପ୍ୟାନେଲ୍‌ଉତ୍ପାଦନ କରାଯିବ ଏବଂ ୫୦ ନିୟୁତ ଆସେମ୍ବଲଡ ୟୁନିଟ୍ ଓ ୧୩,୦୦୦ ଅତ୍ୟାଧୁନିକ ୩ଡି ହେଟେରୋଜିନିଅସନ୍‌ଇଣ୍ଟିଗ୍ରେସନ୍‌ମଡ୍ୟୁଲ୍‌ବିକାଶ କରାଯିବ।

# ଆଜିଠୁ ଓଡ଼ିଶାରେ ଏସଆଇଆର

ଭୁବନେଶ୍ୱର, ୨୯।୫(ନି.ପ୍ର.): ଆସନ୍ତାକାଲିଠୁ ରାଜ୍ୟର ହେବାକୁ ଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)-୨୦୨୬ କାର୍ଯ୍ୟକ୍ରମ ପାଇଁ ଏକ ବିସ୍ତୃତ ଉପସ୍ଥାପନା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡିଆ ସେଣ୍ଟରରେ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନ ଅଧ୍ୟକ୍ଷତା କରି କହିଥିଲେ ଯେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟ ସୂଚୀ ଘୋଷଣା କରାଯାଇଛି।

ମେ' ୨୯ (ଆଜି) ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ ଓ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲଓ ମାନଙ୍କର ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି। ମେ' ୩୦ (ଆସନ୍ତାକାଲି) ଠାରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ମତଦାତାଙ୍କ ଘରକୁ ଯାଇ ପ୍ରତ୍ୟେକ ମତଦାତାଙ୍କ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ମତଦାତାଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡିବ। ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ। ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ବିଏଲଓ ମାନଙ୍କୁ ସଜାଗ ରହିବାକୁ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଛନ୍ତି।

୨୮ ଜୁନ୨୦୨୬ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ପୁନର୍ବିନ୍ୟାସ ହେବା ପରେ ଜୁଲାଇ ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ ଜୁଲାଇ ୫ ରୁ ସେପ୍‌ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ସେପ୍‌ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ମୋଟ ମତଦାତାଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ମତଦାତା ଅର୍ଥାତ୍ ୯୪.୬୧% ମତଦାତାଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଝଓଜ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଝଓଜ ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରିନଥିଲା, ସେମାନେ ମଧ୍ୟ ଝଓଜ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ।

ଏସଆଇଆର ସମୟରେ ୪୫ ହଜାର ୨୫୫ ଜଣ ବୁଥ ସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୀତିକ ଦଳମାନଙ୍କ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡିଶାର ସମସ୍ତ ରାଜନୀତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୀତିକ ଦଳ ତରଫରୁ ମୋଟ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି।ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-ଓଓ) ଯୋଗାଇ ଦିଆଯିବ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ।

# ଅଧିନାୟକ ପଦ ଛାଡିଲେ ଋଷଭ ପନ୍ତ

ଭୁବନେଶ୍ୱର, ୨୯।୫: ଆଇପିଏଲ ୨୦୨୬ରେ ବିପର୍ଯ୍ୟୟ ପରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସର ଅଧିନାୟକ ପଦ ଛାଡି ଦେଇଛନ୍ତି ଋଷଭ ପନ୍ତ। ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ଭାବେ ଲକ୍ଷ୍ନୌରେ ସାମିଲ ହୋଇଥିବା ପନ୍ତ ଅଧିନାୟକ ପଦ ଛାଡିଥିବା ଫ୍ରାଞ୍ଚାଇଜ ପକ୍ଷରୁ ସମସ୍ତଙ୍କୁ ଅବଗତ କରାଯାଇଛି।




ଲକ୍ଷ୍ନୌ ଚଳିତ ଆଇପିଏଲରେ ପଏଣ୍ଟ ଟେବୁଲର ସବୁଠାରୁ ତଳେ ରହିଥିଲା। ଏଥିପାଇଁ ପନ୍ତ ସବୁ ଦୋଷ ନିଜ ମୁଣ୍ଡକୁ ନେଇଥିଲେ। ଆଇପିଏଲରେ ନିଜର ଅଭିଯାନ ଶେଷ କରିବା ପରେ ପନ୍ତ କ୍ୟାପ୍‌ଟେନ୍ସି ପଦ ଛାଡିବାକୁ ଚାହୁଁଥିବା ଫ୍ରାଞ୍ଚାଇଜ ନିକଟରେ ଅନୁରୋଧ କରିଥିଲେ। ଏହାକୁ ଫ୍ରାଞ୍ଚାଇଜ ଗ୍ରହଣ କରି ତାଙ୍କୁ ଅଧିନାୟକ ପଦରୁ ରିଲି କରି ଦେଇଛି। ଏ ସମ୍ପର୍କରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସର କ୍ରିକେଟ ଡିରେକ୍ଟର ଟମ ମୁଡି ପ୍ରେସ ରିଲିଜ ଦ୍ୱାରା ସମସ୍ତଙ୍କୁ କହିଛନ୍ତି।

୨୦୨୫ ଆଇପିଏଲ ପୂର୍ବରୁ ହୋଇଥିବା ମେଗା ଅକ୍ସନ ବେଳେ ଲକ୍ଷ୍ନୌ ତାଙ୍କୁ ୨୭ କୋଟି ଟଙ୍କା ଦେଇ କଣିଥିଲା। ସେ ଆଇପିଏଲ ଇତିହାସର ସବୁଠାରୁ ଦାମୀ ଖେଳାଳି ହୋଇଥିଲେ। ଦୁଇଟି ସଂସ୍କରଣରେ ସେ ଲକ୍ଷ୍ନୌର ନେତୃତ୍ୱ ନେଇଥିଲେ ହେଁ ଆଶୀ ପ୍ରଭାବିତ କରି ପାରି ନାହାନ୍ତି। କୌଣସି ସଂସ୍କରଣରେ ଲକ୍ଷ୍ନୌ ପ୍ଲେ ଅଫକୁ ଯାଇ ପାରି ନାହିଁ।

୨୦୨୬ରେ ଲକ୍ଷ୍ନୌ କେବଳ ୧୪ଟି ଲିଗରୁ ୪ଟି ମ୍ୟାଚ୍ ଜିତି ପାରିଛି। ୨୦୨୫ରେ ପନ୍ତଙ୍କ ଲକ୍ଷ୍ନୌ ୬ଟି ମ୍ୟାଚ ଜିତିଥିଲା। ଅର୍ଥାତ ଆଇପିଏଲରେ ଲକ୍ଷ୍ନୌ ପନ୍ତଙ୍କ ନେତୃତ୍ୱରେ ୨୮ଟି ମ୍ୟାଚ୍ ଖେଳିଥିଲେ ହେଁ କେବଳ ୧୦ଟି ବିଜୟ ହାସଲ କରିପାରିଛି।

ଅଧିନାୟକ ସମୟରେ ପନ୍ତଙ୍କ ବ୍ୟାଟିଂ ସ୍ତର ମଧ୍ୟ ଦୁର୍ବଳ ହୋଇଛି। ୨୦୨୫ରେ ସେ ୧୪ଟି ମ୍ୟାଚ୍‌ରେ କେବଳ ୨୬୯ ରନ କରିପାରିଥିଲେ। ୨୦୨୬ରେ ସେ ୩୧୨ ରନ କରିପାରିଛନ୍ତି। ଲକ୍ଷ୍ନୌର ସାମିଲ ହେବା ପୂର୍ବରୁ ୨୦୨୪ରେ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଦମଦାର ପ୍ରଦର୍ଶନ କରିଥିଲେ। ୧୩ଟି ମ୍ୟାଚ୍‌ରେ ତାଙ୍କ ବ୍ୟାଟରୁ ବାହାରିଥିଲା ୪୪୬ ରନ। କିନ୍ତୁ ଲକ୍ଷ୍ନୌରେ ସାମିଲ ହେବା ପରେ ତାଙ୍କ ବ୍ୟାଟିଂ ନିମ୍ନଗାମୀ ହୋଇଥିଲା। ସେ ଲକ୍ଷ୍ନୌ ପାଇଁ ୨୮ଟି ମ୍ୟାଚ୍ ଖେଳି ମୋଟ ୫୮୧ ନ କରିଛନ୍ତି। ତାଙ୍କ ବ୍ୟାଟିଂ ହାର ୨୬.୪ ରହିଥିବା ବେଳେ ଷ୍ଟ୍ରାଇକ ରେଟ ରହିଛି ୧୩୫.୭୪। ଦୁଇଟି ସିଜନରେ ସେ ଗୋଟିଏ ଶତକ ଓ ୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

# ଆରବିଆଇ ଆଣିବ ପ୍ଲାଷ୍ଟିକ୍ ନୋଟ୍

ମୁମ୍ବାଇ, ୨୯।୫:: ଅଧିକାଂଶ ଲୋକ ଡିଜିଟାଲ୍ ପେମେଣ୍ଟ ମାଧ୍ୟମକୁ ବ୍ୟବହାର କରୁଛନ୍ତି। ତଥାପି ଦେଶରେ ପ୍ରଚଳନରେ ଥିବା ମୁଦ୍ରା ରେକର୍ଡ ସ୍ତରକୁ ବୃଦ୍ଧି ପାଇଛି। ଯେହେତୁ ଲୋକମାନେ ପ୍ରତ୍ୟକ୍ଷ ନୋଟ୍ ଅଭ୍ୟାସ ଛାଡି ପାରୁନାହାନ୍ତି, ତାହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ପ୍ଲାଷ୍ଟିକ୍ ନୋଟ୍ ଆଣିବା ଉପରେ ବିଚାର କରୁଛି। ବିଗତ ଦିନରେ ପାଟ୍‌ନା ଓ ମୁମ୍ବାଇରେ ଅନୁଷ୍ଠିତ ରିଜର୍ଭ ବ୍ୟାଙ୍କ ବୋର୍ଡ ବୈଠକରେ ଏହି ପ୍ରସ୍ତାବ ଉପରେ ଗମ୍ଭୀରତାର ସହ ଆଲୋଚନା କରାଯାଇଥିଲା। କାଗଜ ନୋଟ୍ ତୁଳନାରେ ପ୍ଲାଷ୍ଟିକ୍ କିମ୍ବା ପଲିମରରେ ପ୍ରସ୍ତୁତ ନୋଟ୍‌ର ଜୀବନ କାଳ ଅଧିକ। ତାହାର ଛପା ଖର୍ଚ୍ଚ ମଧ୍ୟ କମ୍। ଏଟିଏମ୍ କାଉଣ୍ଟର୍‌ଗୁଡିକରେ ମଧ୍ୟ ପଲିମର୍ ନୋଟ୍ ସହଜରେ ବାହାରିପାରିବ। ସେଥିପାଇଁ ରିଜର୍ଭ ବ୍ୟାଙ୍କ ପ୍ଲାଷ୍ଟିକ୍ ନୋଟ୍ ସପକ୍ଷରେ ରହିଛି। ଖୁବ୍‌ଶୀଘ୍ର ଏହାର ପରୀକ୍ଷଣ ଆରମ୍ଭ କରାଯିବାର ସମ୍ଭାବନା ରହିଛି। କାଗଜ ନୋଟ୍ ଛପାଇବାରେ ପ୍ରତିବର୍ଷ ବିପୁଳ ଖର୍ଚ୍ଚ ହେଉଛି। ୨୦୨୩-୨୪ରେ ଏବାବଦରେ ୫୧୦୧.୪ କୋଟି ଟଙ୍କା ଓ ୨୦୨୪-୨୫ରେ ୬୩୭୨.୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କାଗଜ ନୋଟ୍ ଶୀଘ୍ର ଖରାପ ହୋଇଯାଉଛି ଓ ଚିରି ଯାଉଛି। ୨୦୨୪-୨୫ରେ ୨୩୮୦ କୋଟି ଖଣ୍ଡ ଚିରାଫଟା ନୋଟ୍‌କୁ ନିଷ୍କାସନ କରାଯାଇଥିଲା। ଚିରାଫଟା ଓ ମଇଳା ନୋଟ୍ ମଧ୍ୟରେ ୧୦୦ ଟଙ୍କିଆ ଓ ୫୦୦ ଟଙ୍କିଆ ଅଧିକ ରହୁଛି। ଚଳିତ ବର୍ଷ ମେ ୧୫ ସୁଦ୍ଧା ପ୍ରଚଳନରେ ଥିବା ମୁଦ୍ରା ପରିମାଣ ୧୧.୫ ପ୍ରତିଶତ ବୃଦ୍ଧି ପାଇ ୪୨.୮୬ ଲକ୍ଷ କୋଟି ଟଙ୍କା ହୋଇଛି। ଗତ କିଛି ମାସ ମଧ୍ୟରେ ଦେଶରେ ୧୦ ଟଙ୍କିଆ ଓ ୨୦ ଟଙ୍କିଆ ନୋଟ୍‌ର ଚାହିଦା ଯଥେଷ୍ଟ

# ଏସି ନେଲା ଆଇଏଏସ୍ ଅଧିକାରୀଙ୍କ ଜୀବନ

ନୂଆଦିଲ୍ଲୀ, ୨୮।୫: ଦିଲ୍ଲୀର ହୌଜଖାସ ଅଞ୍ଚଳରେ ଘଟିଥିବା ଏକ ଦୁଃଖଦ ଅଗ୍ନିକାଣ୍ଡରେ ପୂର୍ବତନ ଓଇଝ ଅଧିକାରୀ ତଥା ଭାରତୀୟ ପ୍ରତିଯୋଗିତା ଆୟୋଗ ର ପ୍ରଥମ ଅଧ୍ୟକ୍ଷ ଧନେନ୍ଦ୍ର କୁମାରଙ୍କ ମୃତ୍ୟୁ ଘଟିଛି। ଘରର ଏକ ଏସିର ଇନଡୋର ୟୁନିଟ୍‌ରେ ବିସ୍ଫୋରଣ ହେବା ପରେ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଧୂଆଁରେ ଅଣନିଶ୍ୱାସୀ ହୋଇ ଚିକିତ୍ସାଧୀନ ଅବସ୍ଥାରେ ୮୦ ବର୍ଷୀୟ ଧନେନ୍ଦ୍ର କୁମାରଙ୍କ ମୃତ୍ୟୁ ହୋଇଥିଲା।ଗୁରୁବାର ରାତି ପ୍ରାୟ ୧୧ଟା ୧୮ ମିନିଟ୍? ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସେତେବେଳେ ଘର ଭିତରେ ପରିବାର ସଦସ୍ୟ ଓ ଘରୋଇ କର୍ମଚାରୀଙ୍କୁ ମିଶାଇ ମୋଟ ପାଞ୍ଚ ଜଣ ଉପସ୍ଥିତ ଥିଲେ। ଅଗ୍ନିକାଣ୍ଡ ସମ୍ପର୍କରେ ଖବର ପାଇବା ପରେ ପୁଲିସ ଓ ଅଗ୍ନିଶମ ବିଭାଗର ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।ଧନେନ୍ଦ୍ର କୁମାର ଓ ତାଙ୍କ ପୁଅଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ଅତ୍ୟଧିକ ଧୂଆଁ ନିଶ୍ୱାସରେ ପ୍ରବେଶ କରିବା ଯୋଗୁଁ ଧନେନ୍ଦ୍ର କୁମାରଙ୍କ ଜୀବନ ବଞ୍ଚାଯାଇ ପାରିନଥିଲା। ତାଙ୍କ ପୁଅ ଆହତ ହୋଇଥିବା ବେଳେ ଚିକିତ୍ସା ପରେ ସେ ବିପଦମୁକ୍ତ ଥିବା ସୂଚନା ମିଳିଛି।

# ବିଷାକ୍ତ ମଦ ପିଇ ୧୫ ମୃତ

ନୂଆଦିଲ୍ଲୀ, ୨୯।୫(ନି.ପ୍ର.): ମହାରାଷ୍ଟ୍ରର ପିମ୍ପରି-ଚିଞ୍ଚୱାଡ଼ଓ ପୁଣେ ଅଞ୍ଚଳରେ ବିଷାକ୍ତ ମଦ ପିଇ ୧୫ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ପିମ୍ପରି-ଚିଞ୍ଚୱାଡର ଦାପୋଡି ଓ ଫୁଗେୱାଡି ଅଞ୍ଚଳରୁ ଆଠ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି। ପୁଣେର କାଲେ ପାଦଲ ଅଞ୍ଚଳରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ହଡପସରରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି। କର୍ତ୍ତୃପକ୍ଷ କହିଛନ୍ତି ଯେ, ମୋଟ ମୃତ୍ୟୁ ସଂଖ୍ୟା ୧୫ରେ ପହଞ୍ଚିଛି। ନକଲି ମଦ ଯୋଗେଶ ୱାଙ୍ଗଡେଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି। ଯୋଗେଶ ଅବୈଧ ମଦ ବ୍ୟବସାୟରେ ସମ୍ପୃକ୍ତ ବୋଲି କୁହାଯାଉଛି ଓ ତାଙ୍କ ବିରୋଧରେ ପୂର୍ବରୁ ଅନେକ ମାମଲା ରହିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି।

ସୂତ୍ର ଅନୁସାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କଥିତ ବିଷାକ୍ତ ମଦମୃତ୍ୟୁ ଘଟଣା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଣେ ଓ ପିମ୍ପରି-ଚିଞ୍ଚୱାଡର ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣେ ଓ ପିମ୍ପରି-ଚିଞ୍ଚୱାଡ ପୁଲିସ ବାହିନୀକୁ ମାମଲାର ସମନ୍ୱିତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣା ସହିତ ଜଡିତ ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଚଢାଉ ଜାରି ରହିଛି। ଏହି ଦୁଃଖଦ ଘଟଣାରେ ଫୁଗେୱାଡିର ଗୋଟିଏ ପରିବାରର ଦୁଇ ଭାଇଙ୍କ ଜୀବନ ଯାଇଥିବା ଜଣାପଡ଼ିଛି।

## ଡାହୁକ



ପାଂଚ ଶହ ଦେଇ ପରିବା କିଣିଲେ
ବ୍ୟାଗ୍ ନ ହୁଏ ଅଧା
ମନ ଘଣ ଧରି ଯାଏ ଖାଉଟିର
ଏମିତି ହୋଇଯାଏ ସିଧା
ଯେମିତିକା କରି ଖାତା ଧରାଧରି
ଫାଷ୍ଟ କିଲାସରେ ଗଧା....।

-ବିଧୁ

# ମୌସୁମୀ ବେଳେ ମାଡ ହେବ ଏଲ ନିନୋ, ବର୍ଷାର ପରିମାଣକୁ କରିବ ଧିମା

ନୂଆଦିଲ୍ଲୀ, ୨୯।୫: ଭୟଙ୍କର ତଥା ଚିନ୍ତାଜନକ ଖବର ଦେଇଛି ଭାରତୀୟ ପାଣିପାଗ ବିଭାଗ। ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହିଁ ଭାରତକୁ ହିଟ କରିବ ଏଲ ନିନୋ। ଏହା ମୌସୁମୀ ବର୍ଷାକୁ ଦେଶରେ ଧିମା କରି ଦେବ। ଗତ ୩ ବର୍ଷ ମଧ୍ୟରେ ଏଲ ନିନୋ ଯୋଗୁ ଦେଶରେ ସବୁଠାରୁ କମ ବର୍ଷ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହା ନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ତାଙ୍କ କହିବା କଥା ଯେ ଏଲ ନିନୋର ପ୍ରଭାବ ଦେଶରେ ସେପ୍‌ଟେମ୍ବର ଯାଏ ରହିବ। ଆଗାମୀ ମୌସୁମୀ ଋତୁରେ ଦେଶରେ ସ୍ୱାଭାବିକ ଠାରୁ କମ ବର୍ଷା ହେବ ବୋଲି ଆଇଏମସି ନିଜ ଆକଳନରେ କାଏମ ରହିବାର କିଛି ଘଣ୍ଟା ପରେ ଡକ୍ଟର ମହାପାତ୍ରଙ୍କ ଏଲ ନିନୋ ବୟାନ ସାମ୍ନାକୁ ଆସିଛି।

ଏଲ୍ ନିନୋ ହେଉଛି ପ୍ରଶାନ୍ତ ମହାସାଗର ଜଳର ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବାର ଗୋଟିଏ ପ୍ରାକୃତିକ ଘଟଣା, ଯାହା ଏସିଆ ସମେତ ବିଶ୍ୱର ବିଭିନ୍ନ ଅଞ୍ଚଳର ପାଣିପାଗ ଚକ୍ରକୁ ପ୍ରଭାବିତ କରେ। ପୂର୍ବାନୁମାନ ଅନୁସାରେ ୨୦୨୬ ଜୁନ୍ ମାସରୁ ଏହାର ପ୍ରଭାବ ଆରମ୍ଭ ହୋଇପାରେ। ଭାରତ ଏହାଦ୍ୱାରା ପ୍ରଭାବିତ ହେବ।

ମୃତ୍ୟୁଞ୍ଜୟ ମହାପାତ୍ରଙ୍କ କହିବା କଥା ଯେ ଏଲ ନିନୋ ସମ୍ଭବତଃ ଜୁନ ମାସରେ ନିଜର ଉପସ୍ଥିତ ଜାହିର କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ସାମାନ୍ୟ ଦୁର୍ବଳ ରହିବ। ଜୁଲାଇ ମଧ୍ୟ ଭାଗ ଓ ଅଗଷ୍ଟ ବେଳକୁ ଏହା ମଧ୍ୟମଧରଣର ଶକ୍ତିଶାଳୀ ହେବ। ହେଲେ ସେପ୍‌ଟେମ୍ବର ବେଳକୁ ଏଲ ନିନୋ ପୂର୍ଣ୍ଣ ଶକ୍ତି ହାସଲ କରି ସାରିଥିବ। ଏଲ ନିନୋ ଶକ୍ତିଶାଳୀ ହେବା ମାତ୍ରେ ଏହାର ପ୍ରଭାବ ପୂରା ଭାରତ ଓ ବିଶ୍ୱ ଉପରେ ପଡିବ। ବର୍ଷା ସମୟକ୍ରମେ ଧିମା ହୋଇଯିବ ଓ ତାପମାତ୍ରାକୁ ବୃଦ୍ଧି କରିବ।



ଏହାପୂର୍ବରୁ ବିଶ୍ୱର ବିଭିନ୍ନ ପାଣିପାଗ ସଂସ୍ଥା ମଧ୍ୟ ଏଲ ନିନୋର ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଅଷ୍ଟ୍ରେଲିଆର ବ୍ୟୁରୋ ଅଫ ମେଟ୍ରୋଲୋଜି ନିକଟରେ ଆକଳନ କରିଥିଲା ଯେ ଏଲ ନିନୋ ପରିସ୍ଥିତି ଜୁନ ଆରମ୍ଭରୁ ଦେଖାଯିବ। ଚାଇନାର ଜାତୀୟ ପାଣିପାଗ କେନ୍ଦ୍ର ମଧ୍ୟ କହିଛି ଯେ ପ୍ରଶାନ୍ତ ମହାସାଗର ଉତ୍ତପ୍ତ ଏଲ ନିନୋ ପର୍ଯ୍ୟାୟରେ ପ୍ରବେଶ କରି ସାରିଛି ଓ ଆଗାମୀ ମାସଗୁଡିକରେ ଏହା ଆହୁରି ଶକ୍ତିଶାଳୀ ହେବ। ଏହି ଚିନ୍ତା ମଧ୍ୟରେ ନାସା ପକ୍ଷରୁ ଉପଗ୍ରହ ନୀରକ୍ଷଣର ବିଶ୍ଳେଷଣ କରାଯାଇଛି। ଏଥିରୁ ନାସା ଜାଣିବାକୁ ପାଇଛି ଯେ ପ୍ରଶାନ୍ତ ମହାସାଗରରେ ଏବେ ବିଶାଳ ଗରମ ପାଣିର ଆସ୍ତରଣ ଜମା ହେବାରେ ଲାଗିଛି। ଏହି ଉତ୍ତପ୍ତ ପୃଷ୍ଠ ହିଁ ଏଲ ନିନୋ ସୃଷ୍ଟିର ପ୍ରମୁଖ କାରଣ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଭାରତ ପାଇଁ ଏଲ ନିନୋର ଆଗମନ ଅତ୍ୟନ୍ତ ଚିନ୍ତାର ବିଷୟ। କାରଣ ଏଲ ନିନୋ ପାରମ୍ପରିକ ଭାବେ ଭାରତର ମୌସୁମୀ ବର୍ଷାକୁ ପ୍ରଭାବିତ କରେ। ଏଥିସହ ହିଟୱେଭକୁ ବୃଦ୍ଧି କରେ, ଚାଷୀଙ୍କୁ ଚିନ୍ତାରେ ପକାଏ ଓ ପାଣି ସମ୍ପଦ ଉପରେ ପ୍ରଭାବ ପକାଇଥାଏ। ଏଥର ମଧ୍ୟ ସ୍ଥିତି ସେଭଳି କିଛି ହୋଇପାରେ।

ଏଲ୍ ନିନୋ କିପରି ପ୍ରଭାବିତ କରେଏଲ୍ ନିନୋ ପ୍ରାକୃତିକ ବିସ୍ଫୋରଣ ସହିତ ଜଡିତ। ଯାହା ଅତ୍ୟଧିକ ବନ୍ୟା ଏବଂ ମରୁଡ଼ି ଆଣିଥାଏ। ଏଲ୍ ନିନୋ ପୃଥିବୀର କେତେକ ସ୍ଥାନରେ ପ୍ରବଳ ବର୍ଷା ଆଉ କେତେକ ସ୍ଥାନରେ ମରୁଡ଼ି ଭଳି ପରିସ୍ଥିତି ସୃଷ୍ଟି କରିଥାଏ। ଯାହାର ତୀବ୍ରତା ହେତୁ ପ୍ରାକୃତିକ ଦୁର୍ବିପାକ ମଧ୍ୟ ଆସିପାରେ।



# ଛତ୍ରପୁରରେ ଏସଆଇଆର କୁ ନେଇ ପଦଯାତ୍ରା

ଛତ୍ରପୁର,୨୯।୫:(ମନ୍ଥନ)ରାଜ୍ୟରେ ଏକ ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଲକ୍ଷ୍ୟରେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) କାର୍ଯ୍ୟକ୍ରମ ଜୋରସୋରରେ ଚାଲିଛି । ଗଞ୍ଜାମ ପ୍ରଶାସନ ମଧ ଏହି କାର୍ଯ୍ୟକ୍ରମକୁ ଜୋରଦାର କରିଛି । ଏହି ଅବସରରେ ଛତ୍ରପୁର ଜିଲାପାଳ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ପଦଯାତ୍ରା ବାହାରିଥିଲା । ନିଜେ ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନ ଉପସ୍ଥିତ ରହି ଏହାର ଉଦଘାଟନ କରିବା ସହ ସହର ପରିକ୍ରମାରେ ସାମିଲ ହୋଇଥିଲେ ।ଏହି ଅଭିଯାନର ମାଧମରେ ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ଅଯୋଗ୍ୟଙ୍କୁ ବାଦ ଦେବା , ମୃତ୍ୟୁ ବ୍ୟକ୍ତିଙ୍କ ନାମ ବାଦ , ନକଲି ନାମ ଗୁଡିକୁ ଚିହ୍ନଟ କରି ତାଲିକାରୁ ବାଦ ସହ ତାଲିକାରେ ଥିବା ତ୍ରୁଟି ସଂଶୋଧନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି ।ଆସନ୍ତାକାଲି ଠାରୁ ଘରକୁ ଘର ବୁଲି ଯାଂଚ କରିବେ ବିଏଲଓ । ସେମାନଙ୍କୁ ସମସ୍ତ ଜନସାଧାରଣମାନେ ସହଯୋଗର କାମନା କରିଥିଲେ ଜିଲାପାଳ । ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ,ସରଳ ଓ ଗୁଜୁବମୁକ୍ତ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ଏହି ସଂଶୋଧନ ପ୍ରକ୍ରିୟା ଶେଷ ହେବାପରେ ଏକ ଚିଠା ତାଲିକା ପ୍ରକାଶ ପାଇବ ।୩୦ ମେ ଠାରୁ ୨୮ ଜୁନ ପ୍ରର୍ଯ୍ୟନ୍ତ ବିଏଲଓଙ୍କ ଦ୍ୱାରା ଘରକୁ ଘର ପରିଦର୍ଶନ କରିବେ ।୫ ଜୁଲାଇରେ ଖସଡା ଭୋଟର ତାଲିକା ପ୍ରକାଶ ପାଇବ । ୫ ଜୁଲାଇ ରୁ ୪ ଅଗଷ୍ଟ ପ୍ରର୍ଯ୍ୟନ୍ତ ଦାବି ଓ ଆପତି ଦାଖଲର ସମୟସୀମା ରହିଛି ।୫ ଜୁଲାଇ ରୁ ୨ ସେପ୍ଟମ୍ବର ପ୍ରର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବୀ ଓ ଆପତି ନିଷ୍ପତି ରହିଥିବା ବେଳେ ୬ ସେପ୍ଟମ୍ବର ୨୦୨୬ରେ ଅନ୍ତିମ ଭୋଟର ତାଲିକା ପ୍ରକାଶ ପାଇବ । ଏହି ଅବସରରେ ଜିଲାପାଳ ଭୋଟର ତାଲିକାକୁ ଅଧିକ ସଠିକ, ସ୍ୱଚ୍ଛ ଓ ଅଦ୍ୟତନ କରିବା ଏସଆଇଆର ୨୦୨୬ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ ସୀମା ଘୋଷଣା କରାଯାଇଛି । ତେଣୁ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଅନୁରୋଧ ନିର୍ଦ୍ଧାରିତ ସମୟ ମଧରେ ନିଜ ଭୋଟର ତଥ୍ୟ ଯାଂଚ କରିବା ସହ ଆବଶ୍ୟକ ସଂଶୋଧନ କରିବାକୁ ଅନୁରୋଧ କରିଛନ୍ତି ।ସଠିକ ଭୋଟର ତାଲିକ ହେଉଛି ଶକ୍ତିଶାଳୀ ଗଣତନ୍ତ୍ରର ଭିତି । ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବର ଜାରି ରହିଛି । ଏହି ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ ଜିଲାପାଳ କାର୍ଯ୍ୟାଳରୁ ବାହାରି ସହର ପରିକ୍ରମା କରିଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ଦେବବ୍ରତ ପଣ୍ଡା, ଛତ୍ରପୁର ଉପଜିଲାପାଳ ଶିବାଶିଷ ବରାଳ, ଡେପୁଟି କଲେକ୍ଟର(ନିର୍ବାଚନ) ଡଃ ଅଶୋକ କୁମାର ଖଣ୍ଡା,ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି,ଅତିରିକ୍ତ ତହସିଲଦାର ମନୋଜ ପ୍ରଧାନ,ଅତିରିକ୍ତ ଉପଜିଲାପାଳ ପାର୍ଥ ସାରଥୀ ହାଁସଦା, ଛତ୍ରପୁର ପୌରପାଳିକା ନିର୍ବାହି ଅଧିକାରୀ ପ୍ରସନ୍ନ କୁମାର ଦାଶ, ବିଏଲଓ,ଶିକ୍ଷକ/ଶିକ୍ଷୟତ୍ରୀ,ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

# ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନର ସଚେତନତା ରଥ

ଯାଜପୁର,୨୯।୫:(ମନ୍ଥନ) ଖରିଫ ୨୦୨୫-୨୬ ବିପଣନ ଋତୁରେ ରବି ଧାନ ସଂଗ୍ରହ ପାଇଁ ଚାଷୀଙ୍କ ସଚେତନତା ନିମନ୍ତେ ପ୍ରଚାର ରଥ କୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନିକଟରେ ଉଦଘାଟନ ହୋଇଛି କ୍ଷ ଏହାକୁ କୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଉଦଘାଟନ କରିଛନ୍ତି। ଚଳିତ ଖରିଫ ବିପଣନ ବର୍ଷ ନିମନ୍ତେ ପଞ୍ଜୀକୃତ ଚାଷୀ ଭାଇ ଭଉଣୀମାନଙ୍କଠାରୁ ୩୦ ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯାଉଛି। ପଞ୍ଜୀକୃତ ଚାଷୀମାନେ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଧାନ କ୍ରୟ ସମ୍ବନ୍ଧରେ ଆସିଥିବା ବାର୍ତ୍ତା (ଟୋକନ ନମ୍ବର, ତାରିଖ,



ଧାନର ପରିମାଣ ଇତ୍ୟାଦି) ଅନୁସାରେ ନିର୍ଦ୍ଧାରିତ ତାରିଖ ଓ ପରିମାଣ ଅନୁଯାୟୀ ବିକ୍ରିଯୋଗ୍ୟ ବଳକା ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଚଳିତ ଖରିଫ ଧାନ କ୍ରୟରେ ବଡ଼ଚଣା, ବିଂଝାରପୁର, ଦଶରଥପୁର, ଯାଜପୁର, କୋରେଇ, ସୁକିନ୍ଦା ବ୍ଲକର ପ୍ରାଥମିକ କୃଷି ସମବାୟ ସମିତି ଅଂଶଗ୍ରହଣ କରୁଛନ୍ତି। ଚଳିତ ଖରିଫ ବର୍ଷରେ ଜିଲ୍ଲାରେ ମୋଟ ୪୬୦୩ ଜଣ କୃଷକ ପଞ୍ଜୀକରଣ କରିଛନ୍ତି। ଏହି ପ୍ରଚାର ରଥ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଡିଆରସିଏସ ଅମୂଲ୍ୟ କୁମାର ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କଲେ ହରିଶ ବିସି : ୨୪ ଘଣ୍ଟା ଲୋକଙ୍କୁ ସେବା ଯୋଗାଇବାକୁ ଦେବେ ପ୍ରାଧାନ୍ୟ

ଛତ୍ରପୁର,୨୯।୫:(ମନ୍ଥନ) ଗଞ୍ଜାମ ଏସପି ଭାବେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି ହରିଶ ବିସି ୟ ସେ ପୂର୍ବରୁ କନ୍ଧମାଳ ଏସପି ଭାବେ ଦାୟିତ୍ୱ ତୁଲାଇ ଆସିଥିଲେ । ୨୦୨୦ ବ୍ୟାଚର ଏହି ଆଇପିଏସ ଅଧିକାରୀ ପ୍ରଥମେ ରାୟଗଡା ରେ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରାଧ ନିୟନ୍ତ୍ରଣ, ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ମାଫିଆ। ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଓ ୨୪ ଘଣ୍ଟା ଲୋକଙ୍କୁ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦେବେ ବୋଲି ଏସପି ଶ୍ରୀ ବିସି କହିଛନ୍ତି ।ଗଞ୍ଜାମ ପୋଲିସ୍ ଜିଲ୍ଲା ଏକ ବଡ ଜିଲ୍ଲା ହୋଇଥିବାରୁ ସମସ୍ତ ଥାନାଧିକାରୀ, ଏସଡିପିଓ, ଅତିରିକ୍ତ ଏସପି ଏବଂ ଡିଏସପି ମାନଙ୍କୁ ନେଇ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଦିଗରେ ଆଲୋଚନା କରି ଜିଲ୍ଲା କିପରି ଭାବେ ଅପରାଧ ମୁକ୍ତ ହୋଇପାରିବ ସେନେଇ କାର୍ଯ୍ୟ କରିବେ ବୋଲି ଏସପି ଶ୍ରୀ ବିସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।କନ୍ଧମାଳ ଜିଲ୍ଲା ଅପେକ୍ଷା ଗଞ୍ଜାମ ପୋଲିସ୍ ଜିଲ୍ଲାରେ ଅଧିକ ଅପରାଧ ବୃଦ୍ଧି ପାଉଥିବା ବେଳେ ଏହି ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଏକ ଚ୍ୟାଲେଞ୍ଜ ରହିଥିଲେ ମଧ ତାକୁ ମୁକାବିଲା କରିବା ପାଇଁ ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଥିବା ମଧ୍ୟ କହିଛନ୍ତି ।ପୋଲିସ୍ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ କଡାକଡି ପେଟ୍ରୋଲିଂ ଜାରି ରହିବ ।ସେହିଭଳି ହଜିଯାଇଥିବା ମୋବାଇଲ ଉଦ୍ଧାର କାର୍ଯ୍ୟ ଜାରି ରହିବ ।ଲୋକଙ୍କ ବିଶ୍ୱାସ ଭାଜନ ହୋଇ ରହିବା ଲାଗି ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ଦିଗରେ ମଧ ଗୁରୁତ୍ୱ ଦିଆଯିବ ବୋଲି ଏସପି କହିଛନ୍ତି ।ଯେ କୌଣସି ସମୟରେ କେହି ଚାହିଁଲେ ମୋ ସହ ଭେଟି ପାରିବେ ଏବଂ ମୋ ପାଖକୁ ନିଜ ନିଜ ଅଭିଯୋଗ ନେଇ ଆସିପାରିବେ ବୋଲି ଏସପି ଗଣମାଧ୍ୟମ ଜରିଆରେ ଲୋକଙ୍କୁ ବାର୍ତ୍ତା ଦେଇଛନ୍ତି ।ଆଜି ଶ୍ରୀ ବିସି କାର୍ଯ୍ୟରେ ଯୋଗ ଦେବା ପରେ ତାଙ୍କୁ କାର୍ଯାଳୟ ବହୁ ପୋଲିସ୍ ଅଧିକାରୀ ମାନେ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ ।ପୂର୍ବରୁ ଗଞ୍ଜାମ ଏସପି ଭାବେ କାର୍ଯ୍ୟ କରୁଥିବା ଶୁଭେନ୍ଦୁ କୁମାର ପାତ୍ରଙ୍କୁ ନୟାଗଡ ଏସପି ଭାବେ ବଦଳି ହେବା ପରେ ଆଜି ନୂତନ ଭାବେ ହରିଶ ବିସି ଦାୟିତ୍ୱ ଗ୍ରହଣ କରିଛନ୍ତି ।ସେ ଆଜି ଯୋଗ ଦେବା ପରେ ଶୁଭେନ୍ଦୁ ପାତ୍ରଙ୍କ ଠାରୁ ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ବ୍ଲକ ଉଣ୍ଣୟନ ଅଧିକାରୀଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କଲେ ମାଥିଲି ଉତ୍କଳ ସାମ୍ବାଦିକ ସଙ୍ଘର ସାମ୍ବାଦିକ ବନ୍ଧୁ ଗଣ

ମାଲକାନଗିରି,୨୨୯।୫:(ମନ୍ଥନ)ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଉନ୍ନୟନ ଅଧିକାରୀ ଙ୍କ ଏବଂ ମାଥିଲି ଶାଖା ର ଉତ୍କଳ ସାମ୍ବାଦିକ ସଂଘ ର ସାମ୍ବାଦିକ ବନ୍ଧୁ ଗଣ ମାନଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ହୋଇଥିଲା ।ଏହା ସାଧାରଣତଃ ସ୍ଥାନୀୟ ଅଞ୍ଚଳର ବିକାଶ ଏବଂ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ଏକ ସକାରାତ୍ମକ ପଦକ୍ଷେପ, ଯାହା ସରକାରୀ ଯୋଜନା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୂଚନାର ସଠିକ୍ ଆଦାନ-ପ୍ରଦାନରେ ସହାୟକ ହୋଇଥାଏ । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ଯେପରିକି ଆବାସ ଯୋଜନା, ପାନୀୟ ଜଳ, ଏବଂ ସ୍ୱଚ୍ଛତା ସମ୍ପର୍କରେ ସାମ୍ବାଦିକଙ୍କ ମାଧ୍ୟମରେ ଲୋକଙ୍କୁ ସଚେତନ



କରିବା ପାଇଁ ଆଲୋଚନା ହୋଇଥିଲା। ସାଧାରଣ ଜନତାଙ୍କ ବିଭିନ୍ନ ସମସ୍ୟା (ଯଥା: ରାସ୍ତାଘାଟ, ବିଦ୍ୟୁ, କିମ୍ବା ଭତ୍ତା ସମ୍ବନ୍ଧୀୟ) ଏହା କୁ ନେଇ ବିଡିଓ ପ୍ରମଦ କୁମାର ବେହେରା ଙ୍କ ଦୃଷ୍ଟିଗୋଚର କରିବା ଏବଂ ତାର ସମାଧାନ ବାଟ ଖୋଜିବା ପାଇଁ ବିସ୍ତୃତ ଆଲୋଚନ କରାଯାଇଥିଲା ୟ ଉକ୍ତ ବିଷୟ ଗୁଡିକ ଉପରେ ଅଂଚଳ ର ବିକାଶ ଦିଗରେ ଆଗକୁ ନେବାପାଇଁ ଗଷ୍ଟି ଉର୍ଣ୍ଣୟନ ଅଧିକାରୀ ଙ୍କ ବହୁ ମାତ୍ରାରେ ସମ୍ପୂର୍ଣ୍ଣ ସହଯୋଗ ରହିଛି ଏବଂ ରହିବ ବୋଲି କହିଛନ୍ତି ମାଥିଲି ବିଡ଼ିଓ। ଏଥିରେ ଉତ୍କଳ ସାମ୍ବାଦିକ ସଂଘ,ମାଥିଲି ଶାଖା ର ସଭାପତି ଶିବ ପ୍ରସାଦ ପରିଛା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଅଜିତ କୁମାର ସଗରିଆ, ବିଷ୍ଣୁ ପ୍ରସାଦ ାକା, ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରଶାନ୍ତ ଶଗରିଆ, ପ୍ରମୁଖ ଉପସ୍ଥିତ ରହିଥିଲେ।

## ବଲାଙ୍ଗୀର ଦୁର୍ଘଟଣା ରେ ରାଜ ପରିବାର ସଦସ୍ୟଙ୍କ ଦେହାନ୍ତ

ବଲାଙ୍ଗିର,୨୯।୫:(ମନ୍ଥନ) ଏକ ଦୁଃଖଦ ଦୁର୍ଘଟଣା ରେ ପୁରୁଣା ରାଜବାଟୀ ନିବାସୀ ତେଜବହାଦୂର୍ ସିଂହ ଦେଓଙ୍କ ଅକାଳ ବିୟୋଗ ହୋଇଛି । ସୂଚନା ଅନୁସାରେ ତେଜ ବାହାଦୂର ସିଂଦେଓ ନିଜ ପାଟଣାଗଡ ଲୁହସିଂହା ସ୍ଥିତ ନିଜ ସମ୍ପର୍କୀୟ ଘରକୁ ଯାଇଥିଲେ। ଏବଂ ସନ୍ଧ୍ୟାରେ ତାଙ୍କ ବୁଲେଟ ମୋଟର ସାଇକଲ ରେ ବଲାଙ୍ଗୀର ଫେରୁଥିଲେ। ତେବେ ପାଟଣାଗଡ଼ ଯୁରିଆ। ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଥିଲେୟ ସେପଟେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣାଗଡ ଡାକ୍ତରଖାନା ଓ ପରେ ଭୀମ ଭୋଇ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ ।ହେଲେ ଡାକ୍ତର ଏଠି ତାଙ୍କୁ ମୃତ ଘୋଷଣା କରିଥିଲେୟ ବଲାଙ୍ଗୀର ପୁରୁଣା ରାଜବାଟି ରାଜପରିବାରର ସଦସ୍ୟ ତେଜ ବାହାଦୂର ସିଂହ ଦେଓ ଆର୍ତ ତ୍ରାଣ ସିଂହ ଦେଓଙ୍କ ଦ୍ୱିତୀୟ ପୁତ୍ର ଥିଲେ । ସେ ଶିକ୍ଷିତ ଯୁବକ ଭାବରେ ସମସ୍ତଙ୍କର ପ୍ରିୟ ଥିଲେ । ତେବେ ତାଙ୍କ ମୃତ୍ୟୁ ଖବର ପରେ ବଲାଙ୍ଗିର ସହରରେ ଶୋକର ଛାୟା ଖେଳି ଯାଇଛି ।

## ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତିଙ୍କ ସ୍ମୃତିରେ ଦହି ସର୍ବତ ବଣ୍ଟନ

କେନ୍ଦ୍ରାପଡ଼ା,୨୯।୫:(ମନ୍ଥନ)ଜିଲ୍ଲା ପ୍ରତିଭା ପୂଜା ସଂସଦ, କେନ୍ଦ୍ରାପଡା ପକ୍ଷରୁ ପୂର୍ବତନ ମନ୍ତ୍ରୀ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତିରେ ଦହି ସର୍ବତ ଓ ଥଣ୍ଡା ଗ୍ଲୁକୋଜ ପାଣି ବଣ୍ଟନ କରାଯାଇଛି। ଅତ୍ୟଧିକ ଗରମ ଓ ଅସହ୍ୟ ଗୁଳୁଗୁଳିକୁ ଆଖି ଆଗରେ ରଖି କେନ୍ଦ୍ରାପଡା ସହରର ଜ୍ଞାନପୀଠ ଛକରେ ପଥଚାରୀମାନଙ୍କୁ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିରେ ଦହି ସର୍ବତ ଓ ଥଣ୍ଡା ଗ୍ଲୁକୋଜ ପାଣି ପ୍ରଦାନ କରାଯାଇଥିଲା। ଏହାକୁ କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ସାଧାରଣ ପ୍ରବନ୍ଧକ ରାଜୀବଲୋଚନ ପଣ୍ଡା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସମ୍ପାଦକ ସୁଶୀଲ କୁମାର ସାମଲ, ଭାଗିରଥି ଜେନା, ଗୋଲଖ ପଢିଆରୀ, ଦେବେନ୍ଦ୍ର କୁମାର ଦାସ, ରଶ୍ମୀରଞ୍ଜନ ବେହେରା, ରମାକାନ୍ତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ରାୟାଗଡା ଜିଲ୍ଲା ବିଜେପି ଦଳର ଦୁଇ ଦିନିଆ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାସଭା

ରାୟଗଡା,୨୯।୫:(ମନ୍ଥନ)ରାୟାଗଡା ଜିଲ୍ଲା ବିଜେପି ଦଳର ଦୁଇ ଦିନିଅ। ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାସଭା ର ଦ୍ୱିତୀୟ ଦିନ ର ଶିବିର ଆରମ୍ଭ ହୋଇଛି । ରାୟଗଡ଼ା ସହରର ବିଜୁ ପଟ୍ଟନାୟକ ଅଡିଟୋରିଅମ ଠାରେ ଆୟୋଜିତ ଏହି ଶିବିରରେ ଜିଲ୍ଲା ସଭାପତି ଗୋପୀ ଆନନ୍ଦ ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମ୍ ର ଶୁଭାରମ୍ଭ ହୋଇଥିଲା । ଅନ୍ୟ ମାନଙ୍କ ମଧରେ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀ,ରାଜ୍ୟ ବିଜେପି ସାଧାରଣ ସମ୍ପାଦକ



ସରୋଜ ସାହୁ ଓ ପୂର୍ଣ୍ଣିମା ନୟକ,ବିଜେପି ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ , ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା , ,ଜିଲ୍ଲା ସମ୍ପାଦକ ଦେବାଶିଷ ପଣ୍ଡା ,ସାଧାରଣ ସମ୍ପାଦକ ଭିକାରି ନାହାକ ,ପୃଥ୍ୱୀ ରାଜ ଧନପତି ପ୍ରମୁଖ ଉପସ୍ଥିତ ଥିଲେ ।ରାୟଗଡ଼ା ଜିଲ୍ଲାରେ ବିଜେପିର ସାଙ୍ଗଠନିକ ଶକ୍ତି ର ଅଭିବୃଦ୍ଧି ନେଇ ଏହି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ର ସମସ୍ତ ବ୍ଲକ୍ ଓ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକର୍ତ୍ତା ଏହି ପ୍ରଶିକ୍ଷଣ ରେ ଯୋଗଦାନ କରିଛନ୍ତି ।ବିଜେପି ଦଳ ର ରାଷ୍ଟ୍ରବାଦୀ ଚିନ୍ତାଧାରା,ଆଦେଶ କୁ ତୃଣ ମୂଳ ସ୍ତରର ନେତା ମାନଙ୍କ ନିକଟ ରେ ପହୁଞ୍ଚେଇବା ଏହାର ମୂଳ ଉଦ୍ଦେଶ୍ୟ ।ସେହି କାର୍ଯ୍ୟକ୍ରମ ରେ ଆଗାମୀ ଦିନରେ ରାଜନୈତିକ ପଦକ୍ଷେପକୁ ନେଇ କାର୍ଯ୍ୟକର୍ତ୍ତାଙ୍କୁ ଗୁରୁ ମନ୍ତ୍ର ଦିଆଗଲା ।

## ଯୋଗ ମହେତ୍ସବ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଯାଜପୁର,୨୯।୫:(ମନ୍ଥନ)ଆସନ୍ତା ଜୁନ ୨୧ରେ ପାଳିତ ହେବ ଆନ୍ତର୍ଜାତୀୟ ଯୋଗ ଦିବସ । ଏଥିପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ଆନ୍ତର୍ଜାତୀୟ ଯୋଗ ଦିବସର ୨୪ ଦିନ ପୂର୍ବରୁ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ଯାଜପୁର ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ପରିସର ରେ ଯୋଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଯୋଗ ମହୋତ୍ସବ ରେ ରାଁଚୀ ରୁ ମୋରାର୍ଜି ଦେଶାଇ ଯୋଗ ଅନୁଷ୍ଠାନର ସଭାପତି କାଳିଦାସ ତ୍ରିବାରୀ ଓ ଯୋଗ ପ୍ରଶିକ୍ଷକ ଡ ଧୀରେନ ଆଚାର୍ଯ୍ୟ ଯୋଗ ଦେଇ ଯୋଗ, ଯଜ୍ଞ, ଆୟୁର୍ବେଦ, ସ୍ୱଦେଶୀ ବିଚାର, ବୈଦିକ ଶିକ୍ଷା ସଂସ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପତଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ମନ୍ମଥ ସାମଲ ଯୋଗ ଦେଇ ଦୈନିକ ଯୋଗାଭ୍ୟାସ କରି ଶରୀର କୁ ସୁସ୍ଥ ଓ ନିରୋଗ ରହିବାକୁ ପରାମର୍ଶ ଦେଇଥିଲେ। ଏହି ଅବସର ନିତ୍ୟ ଯୋଗ ସମିତିର ସମସ୍ତ ସଦସ୍ୟଙ୍କ ସମେତ ସହର ର ବହୁ ଜ୍ଞାନୀ ଗୁଣି ବ୍ୟକ୍ତି, ଯୁବ ପିଢ଼ି ଉପସ୍ଥିତ ରହି ଯୋଗାଭ୍ୟାସ କରିବା ସହ ବିଭିନ୍ନ ଉପାଦେୟ ପରାମର୍ଶ ଗ୍ରହଣ କରିଥିଲେ।

## ଶିକ୍ଷାନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଯାଜପୁର,୨୯।୫:(ମନ୍ଥନ)ଚଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ବାହାରିବା ପରେ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦେବା ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାରେ ଯାଜପୁର କଲେଜ ଛକରେ ଥିବା ଜିଲ ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଅଭୂତପୂର୍ବ ସଫଳତା ଲାଭ କରିଛି। ଏକାଡେମୀ ର ଛାତ୍ରୀ ଆକାଂକ୍ଷା ସିଂ ସର୍ବାଧିକ ୯୩ ପ୍ରତିଶତ ମାର୍କ ରଖି ଟପର ହୋଇଥିବା ବେଳେ ଦୃଷ୍ଟିହୀନ ଛାତ୍ରୀ ଦେବ ରାଣୀ ମଣ୍ଡଳ ୯୨ ପ୍ରତିଶତ ମାର୍କ ରଖିଛନ୍ତି। ଏଥିସହିତ ଅନୁଷ୍ଠାନ ର ୫ ଜଣ ୯୦ ପ୍ରତିଶତ, ୧୫ ଜଣ ୮୦ ପ୍ରତିଶତ ଏବଂ ୩୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଅବସରରେ ଏକାଡେମୀ ପକ୍ଷ ରୁ ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇ ସେମାନଙ୍କ ଉଜ୍ଜ୍ୱଳ କାମନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

### ଚିତ୍ରକୋଣ୍ଡାରେ ପ୍ରଶାସନର ବୁଲ୍ଡୋଜର ଆକ୍ସନ୍

# କୋଟିଏ ଟଙ୍କାର ସରକାରୀ ଜମିରୁ ହଟିଲା ଜବରଦଖଲ

ମାଲକାନଗିରି,୨୯।୫:(ମନ୍ଥନ) ଚିତ୍ରକୋଣ୍ଡା ଅଞ୍ଚଳରେ ସରକାରୀ ଜମି ଜବରଦଖଲକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଉଚ୍ଛେଦ ଅଭିଯାନ କରାଯାଇଛି । ହାଟପଦା ଅଞ୍ଚଳରେ ଦୀର୍ଘ ଦିନ ଧରି ସରକାରୀ ଜମି ଉପରେ ହୋଇଥିବା ବେଆଇନ ନିର୍ମାଣକୁ ଗୁରୁବାର ବୁଲ୍ଡୋଜର ଓ ଜେସିବି ଲଗାଇ ଭଙ୍ଗାଯାଇଛି । ପ୍ରଶାସନର ଏହି କାର୍ଯ୍ୟାନୁଷ୍ଠାନ ପରେ କୋଟିଏ ଟଙ୍କାରୁ ଅଧିକ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ମୁକ୍ତ ହୋଇଥିବା ସୂଚନା ମିଳିଛି । ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗ, ପୋଲିସ ଓ ଅନ୍ୟାନ୍ୟ ବିଭାଗକୁ ନେଇ ଗଠିତ ସଂଯୁକ୍ତ ଟିମ୍ ସକାଳୁ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ବେଆଇନ ଭାବେ ନିର୍ମିତ ପକ୍କା ଘର, ଦୋକାନ ଓ ଅସ୍ଥାୟୀ ନିର୍ମାଣଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ସୂଚନା ଅନୁଯାୟୀ, କେତେକ ପ୍ରଭାବଶାଳୀ ବ୍ୟକ୍ତି ସରକାରୀ ଜମି



ଦଖଲ କରି ବର୍ଷଧରି ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଇଆସୁଥିଲେ । ଏନେଇ ପୂର୍ବରୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଏକାଧିକ ନୋଟିସ ଜାରି ହୋଇଥିଲେ ମଧ ଜବରଦଖଲକାରୀମାନେ ଜମି ଖାଲି କରିନଥିଲେ ।ଶେଷରେ ପ୍ରଶାସନ କଠୋର ଆଭିମୁଖ୍ୟ ଗ୍ରହଣ କରି ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ କରିଛି । ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ନ ସୃଷ୍ଟି ହେବା ପାଇଁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶାନ୍ତି-ଶୃଙ୍ଖଳାର ସହ ସମଗ୍ର ପ୍ରକ୍ରିୟା ଶେଷ ହୋଇଥିଲା । ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ସରକାରୀ ଜମି ସାଧାରଣ ଲୋକଙ୍କ ସମ୍ପତ୍ତି ଓ ଏହାକୁ ସୁରକ୍ଷିତ ରଖି ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟବହାର କରାଯିବ ।ଆଗାମୀ ଦିନରେ ମଧ ଏଭଳି ଜବରଦଖଲ ବିରୋଧୀ ଅଭିଯାନ ଜାରି ରହିବ ବୋଲି ପ୍ରଶାସନ ସ୍ପଷ୍ଟ କରିଛି । ଏହି ଅଭିଯାନ ସମୟରେ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଚିତ୍ରକୋଣ୍ଡା ତହସିଲଦାର ନଟବର ଗରଡାଙ୍କ ସମେତ ପୋଲିସ, ଅଗ୍ନିଶମ ଓ ଟିପିଏସଡିଏଲର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଋତୁସ୍ରାବ ପରିଷ୍କାର ଓ ପରିଛନ୍ନତା ଦିବସ ପାଳିତ

ବଲାଙ୍ଗୀର,୨୯।୫:(ମନ୍ଥନ)ଏକ ସୁସ୍ଥ, ସଚେତନ ଏବଂ ପିରିଅଡ୍-ଫ୍ରେଣ୍ଡଲି ସମାଜ ଗଠନର ଲକ୍ଷ୍ୟ ନେଇ ବରଗଡ଼ ଜିଲ୍ଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମପଞ୍ଚାୟତର ଠାରେ ପଲ୍ଲୀ ଆଲୋକ ପାଠାଗାର ଓ ରିବୁଲ୍ଡ ଇଣ୍ଡିଆ। ସହାୟତା ରେ ଋତୁସ୍ରାବ ପରିଷ୍କାର ଓ ପରିଛନ୍ନତା ଦିବସ ଉସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ସହିତ ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ ଲଜ୍ଜାବୋଧକୁ ଦୂର କରିବା । ଏହି ସଚେତନତା କାର୍ଯ୍ୟକ୍ରମରେ ଫଟାମୁଣ୍ଡା କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଅଙ୍ଗନୱାଡି କର୍ମୀ , ଆଶା କର୍ମୀ, ଏଏନଏମ, ୱାର୍ଡ ସଦସ୍ୟ, ସ୍ଥାନୀୟ ମାଆମାନେ ଏବଂ କିଶୋରୀ ଗୋଷ୍ଠୀର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ମାସିକ ସ୍ୱାସ୍ଥ୍ୟ ନେଇ ଖୋଲା ଆଲୋଚନା କରିଥିଲେ ଏବଂ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ । କାର୍ଯ୍ୟକ୍ରମରେ ପଲ୍ଲୀ ଆଲୋକ ପାଠାଗାରର ପ୍ରଶାନ୍ତ କୁଅାଁର ମାସିକ ସମୟରେ ନିଜ ସ୍ୱାସ୍ଥ୍ୟର ଯତ୍ନ, ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ, ସ୍ୱଚ୍ଛ ସାନିଟାରୀ ନାପକିନ ବ୍ୟବହାର ଓ ନିୟମିତ ସ୍ୱଚ୍ଛତା ଅଭ୍ୟାସ ଉପରେ ମୂଲ୍ୟବାନ ମତ ପ୍ରକାଶ କରିଥିଲେୟ ମହିଳା ଓ କିଶୋରୀମାନଙ୍କୁ ନିର୍ଭୟ ଭାବରେ ନିଜ ସମସ୍ୟା ଆଲୋଚନା କରିବାକୁ ଉତ୍ସାହିତ କରାଇଥିଲେ । ଏହାସହ କାର୍ଯ୍ୟକ୍ରମରେ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ କିଶୋରୀମାନଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଜ୍ଞାନ ବୃଦ୍ଧି ପାଇଥିଲା । ସଚେତନତା ବୃଦ୍ଧି ପାଇଁ ଚିତ୍ରାଙ୍କନ କାର୍ଯ୍ୟକ୍ରମ ମଧ ଆୟୋଜନ କରାଯାଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ସୁନ୍ଦର ସଚେତନତାମୂଳକ ଚିତ୍ର ଅଙ୍କନ କରିଥିଲେ । ଅନ୍ତେ ସମସ୍ତ କିଶୋରୀ ଓ ମହିଳାମାନଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲାୟ କିଶୋରୀ ମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ ଓ ପେଡ ବଣ୍ଟନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମ ସମାଜରେ ମାସିକ ସ୍ୱାସ୍ଥ୍ୟ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହିତ କିଶୋରୀ ଓ ମହିଳାମାନଙ୍କୁ ସଚେତନ କରିବାରେ ଏକ ସଫଳ ପଦକ୍ଷେପ ରୂପେ ପରିଗଣିତ ହୋଇଛି । ଶେଷ ରେ ସସ୍ମୀତା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ ଉଦଯାପିତ

ଅନୁଗୁଳ,୨୯।୫:(ମନ୍ଥନ)ଅନୁଗୁଳ ଜିଲ୍ଲା ରେ ବିଜେପି ର ଦୁଇ ଦିନିଆ। ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ର ଅନ୍ତିମ ଦିବସରେ ରାଜ୍ୟ ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇ ଆଗାମୀ ଦିନରେ ରାଜ୍ୟରେ ୧୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର ଏବଂ ଅନ୍ତୋରାଦ୍ୟୋୟ ଯୋଜନା ରେ ୩ ଲକ୍ଷ ଘର ଦିଆଯିବା ସହ ୬ଲକ୍ଷ ଙ୍କୁ ଭତ୍ତା ଦିଆଯିବ ବୋଲି ପ୍ରକାଶ କରିଥିଲେ । ସମସ୍ତ ୪୧ ଟି ଯୋଜନା ରେ ଲାଭାର୍ଥୀ ହିତାଧିକାରୀ ଙ୍କ ନିକଟ କୁ ବିଜେପି କାର୍ଯ୍ୟକର୍ତା ଯିବାକୁ



ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ ପଂଚାୟତ ଓ ପୌର ଏବଂ ସମବାୟ ନିର୍ବାଚନ ଜିତି ବାକୁ ମନ୍ତ୍ରୀ ରଣନୀତି ଏବେଠୁ ପ୍ରସ୍ତୁତ କରି କାର୍ଯ୍ୟକରିବାକୁ କହିଥିଲେ ସମାରୋପ ସତ୍ରରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ପୌରାହିତ୍ୟ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ପଂଚାୟତି ରାଜ ମନ୍ତ୍ରୀ ପ୍ରକାଶ କରିଥିଲେ ଜିଲ୍ଲା ପ୍ରଭାରୀ ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇ ଅନୁଗୁଳ ଜିଲ୍ଲା ରେ ବିଜେପି ବିଗତ ନିର୍ବାଚନ ରେ ସାଙ୍ଗଠନିକ ଶକ୍ତି ଯୋଗୁଁ ସଫଳତା ପାଇଛି ଏବଂ ଆଗାମୀ ଦିନରେ କାର୍ଯ୍ୟକର୍ତା ସରକାର ଙ୍କର କାର୍ଯ୍ୟ କୁ ନେଇ ଲୋକଙ୍କ ପାଖରେ ପହଞ୍ଚାଇ ସଂଗଠନ କୁ ସର୍ବସ୍ପର୍ଶୀ ଓ ସର୍ବବ୍ୟାପୀ କରିବା ପାଇଁ କହିଥିଲେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ବିଜେପି ତ୍ୟାଗ ତପସ୍ୟା। ବଳିଦାନ ର ପାର୍ଟି ନିରନ୍ତର ଭାବେ ରାଷ୍ଟ୍ରବାଦ ବିଚାର ରେ କାର୍ଯ୍ୟକର୍ତା। ନିରବଛିନ୍ନ ଭାବେ କାର୍ଯ୍ୟରତ ବୋଲି କହିଥିଲେ ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଅଶୋକ ମହାନ୍ତି, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରଶିକ୍ଷଣ ସଂଯୋଜକ ଦିଲେଶ୍ବର ପ୍ରଧାନ, ପ୍ରଶିକ୍ଷଣ ପ୍ରଭାରୀ ରାଧାକାନ୍ତ ମହନ୍ତ, ବର୍ଗ ପ୍ରମୁଖ ସୁଦିପ ଗଡ଼ନାୟକ, ପ୍ରମୁଖ ମଂଚସୀନ ଥିଲେ କାର୍ଯ୍ୟକ୍ରମ ପ୍ରମୁଖ ପ୍ରଭାତ ପ୍ରଧାନ, ଓ ନୃସିଂହ ବରାଳ, ନିୟନ୍ତକ ବିଜୟ ମାଝୀ, ଓ ଶୁଚିସ୍ମିତା ତ୍ରିପାଠୀ, ବ୍ୟବସ୍ଥା ପ୍ରମୁଖ ରତ୍ନାକର ସାହୁ, ସହ ବ୍ୟବସ୍ଥା ପ୍ରମୁଖ ବସନ୍ତ ମଞ୍ଜରୀ ପ୍ରଧାନ, ଓ ସିଦ୍ଧାର୍ଥ ରାଉତରାୟ, ପ୍ରଦର୍ଶନୀ ମନୋଜ ପ୍ରଧାନ ଓ ପ୍ରତ୍ୟୁଷ ପଣ୍ଡା, ଓ ରୋଜାଲିନ ଦାସ, ଯୋଗ ଅଭୟ ରାୟ, ଜୋନାଲ ମିଡ଼ିଆ। ସେଲ ସଂଯୋଜକ ପର୍ଶୁରାମ ବାରିକ, ବିଶ୍ୱଜିତ ମିଶ୍ର, ପଥ୍ୱନ କୁମାର ମାଣ୍ଡୋଟିଆ, ମିଳାପ ପ୍ରଧାନ ସମୀର ପରିଡା, ଙ୍କ ସମେତ ବହୁ କାର୍ଯ୍ୟକର୍ତା ବ୍ୟବସ୍ଥା ଦାୟିତ୍ୱ ନିର୍ବାହ କରିଥିଲେ ଦୁଇ ଦିନର ସତ୍ର ରେ ପ୍ରଥମ ସତ୍ର ବୈଚାରିକ ଅଧିଷ୍ଠାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଦ୍ୱିତୀୟ ସତ୍ର ବିଚାର ପରିବାର ଗୋଲକ ପ୍ରସାଦ ମହାପାତ୍ର ତୃତୀୟ ସତ୍ର ବୁଥ ପ୍ରବନ୍ଧନ ସିମାଞ୍ଚଳ ଖଟେଇ, ଚତୁର୍ଥ ସତ୍ର ରାଷ୍ଟ୍ର ସମ୍ମୁଖରେ ଆହ୍ୱାନ ବିକଶିତ ଭାରତ ୨୦୪୭ ପ୍ରଶାନ୍ତ କୁମାର ସାହୁ, ପଞ୍ଚମ ସତ୍ର କେନ୍ଦ୍ର ରାଜ୍ୟ ସରକାର ଙ୍କର ଗରିବ କଲ୍ୟାଣ ଯୋଜନା ସଞ୍ଜୟ ରଥ, ଷଷ୍ଠ ସତ୍ର ବ୍ୟବହାରିକ ସତ୍ର ସିପ୍ରା ବାଜପେୟୀ, ସପ୍ତମ ସତ୍ର କାର୍ଯ୍ୟ ବିସ୍ତାର ପାଇଁ ଆମର ଦୃଷ୍ଟିକୋଣ ଅଶୋକ ମିଶ୍ର, ଅଷ୍ଟମ ସତ୍ର କାର୍ଯ୍ୟ ପଦ୍ଧତି କିଶୋର ପଣ୍ଡା, ନବମ ସତ୍ର ମିଡ଼ିଆ। ଓ ସାମାଜିକ ଗଣ ମାଧ୍ୟମ ସୁଜିତ କୁମାର ଦାସ ଓ ଜ୍ୟୋତି ରଞ୍ଜନ ନାୟକ, ଦଶମ ସତ୍ର କାର୍ଯ୍ୟ ପଦ୍ଧତି ବାସୁଦେବ ବାରିକ, ଏକାଦଶ ସତ୍ର ଇତିହାସ ଓ ବିକାଶ କାଳନ୍ଦି ସାମଲ ,ଦ୍ୱାଦଶ ସତ୍ର ରେ ପଂଚାୟତ ପୌର ସମବାୟ ନିର୍ବାଚନ ଉପରେ ମନ୍ତ୍ରୀ ରବି ନାରାୟଣ ନାଏକ ବିଷୟ ରଖିଥିଲେ ଦୁଇ ଦିନିଆ। ବର୍ଗ ରେ ୩୦୦ କାର୍ଯ୍ୟକର୍ତା ପ୍ରଶିକ୍ଷିତ ହୋଇଥିଲେ ।

## କେଉଁ ଉଦ୍ଦେଶ୍ୟରେ ପଞ୍ଚାୟତ ଏବଂ ବ୍ଲକ ଅଡିଟ

ରଘୁନାଥପୁର, ୨୯।୫:(ମନ୍ଥନ)କୈଣସି ସଂସ୍ଥା କିମ୍ବା ଯୋଜନାର ଆର୍ଥିକ ଓ ପ୍ରଶାସନିକ କାର୍ଯ୍ୟ ସଠିକ୍ ଭାବେ କରିବା ପାଇଁ ଅଡିଟ କରା ଯାଇଥାଏ । ଏଥିରେ ସରକାରୀ କିମ୍ବା ସଂସ୍ଥାର ସଠିକ୍ ବ୍ୟୟ, ଅନିୟମିତତା, ଦୁର୍ନୀତି କିମ୍ବା ହିସାବରେ ଭୁଲ୍, ନିୟମାନୁଯାୟୀ କାମ କରିବା ଏବଂ ସର୍ବୋପରି ଭବିଷ୍ୟତରେ ଭୁଲ୍ ନହେବା ପାଇଁ ପରାମର୍ଶ ଦେବା ଭଳି କାର୍ଯ୍ୟ କ୍ରମ କରା ଯାଇଥାଏ । କିନ୍ତୁ ବ୍ଲକ୍ କାର୍ଯ୍ୟାଳୟ ହେଉ କି ପଞ୍ଚାୟତ କାର୍ଯ୍ୟାଳୟ ହେଉ ଯେଉଁଠି ସରକାରୀ ଟଙ୍କା ବ୍ୟୟ ସହିତ ଜନସାଧାରଣଙ୍କ ଉନ୍ନୟନ କାମ ଜଡ଼ିତ ଥାଏ, ସେଠାରେ ଅଡିଟର ଫଳାଫଳକୁ ସାର୍ବଜନୀନ କରା ଯାଉ ନଥିବାରୁ ଏହି ଦୁଇଟି ଯାକ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି । ଅଡିଟ ଆରମ୍ଭରୁ ଏହି ଦୁଇଟି କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇ ଆସୁଥିବା ବେଳେ ସରକାରୀ କର୍ମଚାରୀଙ୍କ ସଲାସୁତରାରେ ସମସ୍ତ ସରକାରୀ ଅର୍ଥ ସଠିକ୍ ଭାବରେ ବିନିଯୋଗ ହେଉଥିବା ଜଣାପଏ । ରଘୁନାଥପୁର ବ୍ଲକ ଏବଂ ଏହାର ୧୯ଟି ପଞ୍ଚାୟତରେ ଅଡିଟ ଏବଂ ସୋସିଆଲ ଅଡିଟ ପ୍ରତିବର୍ଷ ହୋଇ ଆସୁଥିଲେ ମଧ କେବେ କୈଣସି ଭୁଲ୍ ଧରା ପଡ଼ିଥିବା କିମ୍ବା ଏଥିପାଇଁ କୌଣସି କର୍ମଚାରୀ ଦଣ୍ଡିତ ହୋଇଥିବା ନଜିର ନାହିଁ । ଫଳରେ ଏହି ବ୍ଲକ ଏବଂ ଏହାର ପଞ୍ଚାୟତ ଗୁଡିକରେ ଦିନକୁ ଦିନ ଆରଟିଆଇ ତଥ୍ୟର ଗଣନା ବଢିବାରେ ଲାଗିଛି । ଏହି କାର୍ଯ୍ୟାଳୟ ଗୁଡ଼ିକର ଅଡିଟ ରିପୋର୍ଟ ସାର୍ବଜନୀନ କରାଗଲେ ଲୋକ ମାନଙ୍କ ଟଙ୍କା କିଭଳି ବ୍ୟୟ ହେଉଛି ତାହା ଜଣାପଡ଼ିବା ସହିତ ଗ୍ରାମସଭାରେ ଏହାର ଆପତ୍ତି ଉପରେ ଆଲୋଚନା କରା ଯାଇପାରେ ଏବଂ ଦୁର୍ନୀତି କିମ୍ବା ଅନିୟମିତତା ରୋକାଯିବା ସହିତ କାର୍ଯ୍ୟର ପାରଦର୍ଶିତା ବଢ଼ିବ ବୋଲି ବୁଦ୍ଧିଜୀବୀ ମାନେ ମତ ଦେଇଛନ୍ତି ।

ସମ୍ବାଦ

ପୃଷ୍ଠା ୦୪

ଶନିବାର ୩୦, ମଇ ୨୦୨୬, ଭୁବନେଶ୍ୱର
Saturday, 30 May 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ରକ୍ତମୁଖା ଅପରାଧୀଙ୍କ ଉଡିଗଲାଣି ନିଦ

ଓଡିଶାର ସାମ୍ପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତିରେ ଏକ ବଡ ଧରଣର ପରିବର୍ତନ ଦେଖିବାକୁ ମିଳିଛି ଏବଂ ରାଜ୍ୟରେ ଅପରାଧ ତଥା ଅପରାଧୀଙ୍କ ସାମାଜ୍ର୍ୟକୁ ରୂପେ ଭୁଶୁଡାଇ ଦେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହାଫଳରେ ଗ୍ୟାଙ୍ଗଷ୍ଟର, ଦାଦାବଟି ଆଦାୟକାରୀ ଓ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମନରେ ପ୍ରବଳ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି ହୋଇଛି । ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରମୁଖ ସହର ଯେପରିକି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲା ଭଳି ଅଂଚଳରେ ସଙ୍ଗଠିତ ଅପରାଧ, ମାରାତ୍ମକ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ଜମି ମାଫିଆ, ନିଶା କାରବାର ଏବଂ ସୁପାରୀ କିଲିଂ ଭଳି ମାମଲା ବୃଦ୍ଧି ପାଇବା ଯୋଗୁଁ ସାଧାରଣ ନାଗରିକଙ୍କ ସୁରକ୍ଷା ବିପନ୍ନ ହୋଇପଡିଥିଲା, ଯାହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ସରକାର ଓ ପୋଲିସ ବାହିନୀ 'ଶୂନ୍ୟ ସହନଶୀଳତା' ବା ଜିରୋ ଟଲରେନ୍ସ ନୀତି ଆପଣେଇଛନ୍ତି । ପୋଲିସ ମହାନିର୍ଦ୍ଦେଶକ ଏବଂ କ୍ରାଇମବ୍ରାଂଚର ଉଚ୍ଚ ପଦାଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଜିଲ୍ଲାରେ ସ୍ପେଶାଲ ସ୍କ୍ୱାର୍ଡ୍ ଓ ଏସଟିଏଫ **(STF)**ର ମିଳିତ ଅଭିଯାନ ଆରମ୍ଭ କରାଯାଇଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ଅପରାଧ ମୁକ୍ତ ଓଡିଶା ଗଠନ କରିବା ଏବଂ ସମାଜବିରୋଧୀ ତତ୍ତ୍ୱଙ୍କ ମୂଳୋତ୍ପାଟନ କରିବା । ଏହି କ୍ରମରେ ପୋଲିସ ବାହିନୀ ଦ୍ୱାରା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଲୁଚିବା ସ୍ଥାନ ଉପରେ ଚଢାଉ କରାଯାଉଛି ଏବଂ ଯେତେବେଳେ ଏହି ଅପରାଧୀମାନେ ନିଜକୁ ଆଇନ ହାତରୁ ବଂଚାଇବା ପାଇଁ ପୋଲିସ ଉପରକୁ ଗୁଳିଚାଳନା କରୁଛନ୍ତି କିମ୍ବା ବୋମାମାଡ କରି ଖସିଯିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ପୋଲିସ ନିଜର ଆତ୍ମରକ୍ଷା ଓ ଜନସାଧାରଣଙ୍କ ଜୀବନର ସୁରକ୍ଷା ପାଇଁ ଜବାବୀ ଗୁଳିଚାଳନା ବା ଏନକାଉଟଂର **(Encounter)** କରିବାକୁ ବାଧ ହେଉଛି । ଓଡିଶାରେ ଏହି ପୋଲିସ ଏନକାଉଂଟର ପ୍ରକ୍ରିୟାକୁ ସାଧାରଣ ଭାଷାରେ 'ଲଙ୍ଗଡା ଅପରେସନ' **(Longra Operation)** ବୋଲି କୁହାଯାଉଛି, କାରଣ ଏହି ଗୁଳିବିନିୟମ ସମୟରେ ଅପରାଧୀମାନଙ୍କ ଗୋଡରେ ଗୁଳି ବାଜୁଛି, ଯାହାଫଳରେ ସେମାନେ ଶାରୀରିକ ଭାବେ ଅକ୍ଷମ ହୋଇ ମେଡିକାଲକୁ ଯାଉଛନ୍ତି ଏବଂ ପରବର୍ତୀ ସମୟରେ ଜେଲର ଅନ୍ଧକାର ପ୍ରକୋଷ୍ଠକୁ ନିକ୍ଷେପ ହଉଛନ୍ତି । ଏହି କଠୋର ପଦକ୍ଷେପ ଯୋଗୁଁ ଅପରାଧୀ ଜଗତର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ସ୍ତବ୍ଧ ହୋଇଯାଇଛି, ଯେଉଁମାନେ ପୂର୍ବରୁ ରାଜରାସ୍ତାରେ ଖୁଲମଖୁଲା ବୁଲୁଥିଲେ ଏବଂ ବନ୍ଧୁକ ମୁନରେ ବ୍ୟବସାୟୀଙ୍କୁ ଧମକ ଦେଇ କୋଟି କୋଟି ଟଙ୍କାର ଦାଦାବଟି ବା କାଳିଆ ସୁପାରୀ ଆଦାୟ କରୁଥିଲେ, ସେମାନଙ୍କ ଛାତିରେ ଏବେ ମୃତ୍ୟୁର ଆତଙ୍କ ଖେଳିଯାଇଛି । ପୋଲିସର ଏହି ରୁଦ୍ର ରୂପ ଦେଖିବା ପରେ ରାଜ୍ୟର ଶତାଧିକ ଛୋଟବଡ କ୍ରିମିନାଲ ଏବେ ନିଜର ଜୀବନ ବଂଚାଇବା ପାଇଁ ହାତଟେକି ଥାନାରେ ଆତ୍ମସମର୍ପଣ କରୁଛନ୍ତି କିମ୍ବା ଓଡିଶାର ସୀମା ପାର ହୋଇ ପଡୋଶୀ ରାଜ୍ୟ ଯେପରିକି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡକୁ ପଳାୟନ କରୁଛନ୍ତି । ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର ଏବଂ ଶିଳ୍ପପତିମାନେ, ଯେଉଁମାନେ ଦୀର୍ଘ ଦିନ ଧରି ଏହି ଅପରାଧୀମାନଙ୍କର ମେସେଜ୍ ଏବଂ ଫୋନ୍ କଲକୁ ନେଇ ଭୟଭୀତ ଅବସ୍ଥାରେ ରହୁଥିଲେ ସେମାନେ ଏବେ ମୁକ୍ତ ଭାବେ ନିଜର ବ୍ୟାପାର ବାଣିଜ୍ୟ ପରିଚାଳନା କରିପାରୁଛନ୍ତି ଏବଂ ପୋଲିସର ଏହି ଦୃଢ ନିଷ୍ପତିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ବିଶେଷ କରି ସହରାଚଂଳରେ ନୂଆ ନୂଆ ଗ୍ୟାଙ୍ଗ ଗଠନ କରୁଥିବା ଏବଂ ବାଇକରେ ବୁଲି ଚେନ୍ ଛଡାଇବା, ରାହାଜାନୀ କରିବା ଏବଂ ମାରପିଟ୍ କରି ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିବା ଉଦ୍ଧତ ଯୁବ କ୍ରିମିନାଲମାନଙ୍କ ଅଂଟା ଭାଙ୍ଗିବାରେ ଏହି ଏନକାଉଟଂର ସବୁଠାରୁ ବଡ ହତିଆର ସାବ୍ୟସ୍ତ ହୋଇଛି, କାରଣ ସେମାନେ ବୁଝିଗଲେଣି ଯେ ଅପରାଧ ଦୁନିଆର ଶେଷ ପରିଣତି କେବଳ କାରାଗାର କିମ୍ବା ପୋଲିସର ଗୁଳି । ଏହା ସହିତ ପୋଲିସ ଏବେ ଅପରାଧୀମାନଙ୍କର କେବଳ ଶାରୀରିକ ଦମନ କରୁନାହିଁ, ବରଂ ସେମାନଙ୍କର ସାମ୍ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଛାନ୍ନଭିନ୍ନ କରିବା ପାଇଁ ବେଆଇନ ଭାବେ ଅର୍ଜନ କରାଯାଇଥିବା ସମ୍ପତିକୁ ବାଜ୍ୟାପ୍ତ କରିବା ସହ ସେମାନଙ୍କ ବେଆଇନ ନିର୍ମାଣ ଉପରେ ବୁଲଡୋଜର ଚଳାଉଛି, ଯାହାଫଳରେ ଅପରାଧୀଙ୍କ ଆର୍ଥିକ ଉତ୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି । ରାଜ୍ୟରେ ଏଭଳି ଦ୍ରୁତ ପଦକ୍ଷେପ ଯୋଗୁଁ ମହିଳା, ସ୍କୁଲ କଲେଜ ଛାତ୍ରୀ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ସୁରକ୍ଷାର ଭାବନା ସୃଷ୍ଟି ହୋଇଛି, କାରଣ ସନ୍ଧ୍ୟା ହେଲେ ରାସ୍ତାଘାଟରେ ଯେଉଁ ଆଂଟି-ସୋସିଆଲମାନେ ଆଡ୍ଡା ଜମାଉଥିଲେ ଏବଂ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିଲେ, ସେମାନେ ଏବେ ପୋଲିସ ଗାଡିର ସାଇରେନ୍ ଶବ୍ଦ ଶୁଣିବା ମାତ୍ରେ ଛତ୍ରଭଙ୍ଗ ଦେଉଛନ୍ତି । ଯଦିଓ ଏହି ଏନକାଉଟଂର ପ୍ରକ୍ରିୟାକୁ ନେଇ କେତେକ ମାନବାଧିକ ସଂଗଠନ ଏବଂ ଆଇନଜ୍ଞ ଆପତି ଉଠାଇ କହିଛନ୍ତି ଯେ ଆଇନ ଏବଂ ସମ୍ବିଧାନର ପରିସର ମଧ୍ୟରେ ହିଁ ପ୍ରତ୍ୟେକ ଅପରାଙ୍କୁ ବିଚାରଳୟ ମାଧ୍ୟମରେ ଦଣ୍ଡ ଦିଆଯିବା ଉଚିତ ଏବଂ କୌଣସି ପରିସ୍ଥିତିରେ ବିଚାର ବିଭାଗୀୟ ପ୍ରକ୍ରିୟାକୁ ବାଇପାସ୍ କରାଯିବା କଥା ନୁହେଁ, ମାତ୍ର ସାଧାରଣ ଜନତାଙ୍କ ମତରେ ଯେତେବେଳେ କ୍ରିମିନାଲମାନେ କୌଣସି ନିୟମ କିମ୍ବା ମାନବିକତାକୁ ଖାତିର ନକରି ନିରୀହ ଲୋକଙ୍କ ଉପରକୁ ଗୁଳି ଚଳାନ୍ତି ଏବଂ ସାକ୍ଷୀମାନଙ୍କୁ ଧମକ ଦେଇ କୋର୍ଟରୁ ଖଲାସ ହୋଇଯାନ୍ତି, ସେତେବେଳେ ସମାଜରେ ଶାନ୍ତି ଓ ସନ୍ତୁଳନ ରକ୍ଷା କରିବା ପାଇଁ ପୋଲିସର ଏହି ତ୍ୱରିତ ପ୍ରହାର ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡେ । ଓଡିଶାକୁ ଏକ ବିକଶିତ ଏବଂ ନିରାପଦ ନିବେଶ ସ୍ଥଳୀ ଭାବେ ଗଢିତୋଳିବା ପାଇଁ ରାଜ୍ୟରେ ସୁସ୍ଥ ପରିବେଶ ଏବଂ ସୁଦୃଢ ଆଇନ ଶୃଙ୍ଖଳା ସବୁଠାରୁ ବଡ ସର୍ତ, ଆଉ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପୋଲିସ ବାହିନୀ ଆଗାମୀ ଦିନରେ ନିଜର ଏହି କଡା ଆଭିମୁଖ୍ୟକୁ ଆହୁରି ଜୋରଦାର କରିବ ବୋଲି ପ୍ରଶାସନ ପକ୍ଷରୁ ସ୍ପଷ୍ଟ ସଙ୍କେତ ଦିଆଯାଇଛି, ଯାହା ଓଡିଶାର ଇତିହାସରେ ଅପରାଧ ଦମନ କ୍ଷେତ୍ରରେ ଏକ ଅତ୍ୟନ୍ତ ସ୍ମରଣୀୟ ଏବଂ ଶକ୍ତିଶାଳୀ ଅଧ୍ୟାୟ ଭାବେ ବିବେଚିତ ହେବ ।

# ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ

### ଡାକ୍ତର ଶୁଭଶ୍ରୀ ମିଶ୍ର

ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦେଖିବାକୁ ମିଳେ। ତନ୍ମଧ୍ୟରୁ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହେଉଛି ଏଭଳି ଏକ ସମସ୍ୟା ଯେଉଁଥିପାଇଁ ଲୋକମାନେ ଅନେକ ସମୟରେ ଅସୁବିଧାରେ ପଡ଼ନ୍ତି। ଶରୀରରେ ଅତ୍ୟଧିକ କିମ୍ବା କମ ପରିମାଣର ଜଳ ହେତୁ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଦେଖାଦେଇପାରେ। ଶରୀରରେ ଜଳ ସନ୍ତୁଳନ ବଜାୟ ରଖିବା, କୋଷକୁ ପୁଷ୍ଟିକର ଖାଦ୍ୟ, ଯୋଗାଇବା, ବର୍ଜ୍ୟବସ୍ତୁ ବାହାର କରିବା, ସ୍ନାୟୁକୁ ସଙ୍କେତ ପଠେଇବାରେ ସାହାଯ୍ୟ କରିବା, ମାଂସପେଶୀକୁ ଆରାମ ଦେବା ଏବଂ ମସ୍ତିଷ୍କ ଏବଂ ହୃଦୟ ଭଲ କାର୍ଯ୍ୟ କରିବାରେ ଇଲେକ୍ଟ୍ରୋଲାଇଟର ବିଶେଷ ଭୂମିକା ରହିଛି। ସୋଡ଼ିୟମ, ପୋଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ, ଫସଫେଟ, କ୍ଲୋରାଇଡ଼ ପରି ଉପାଦାନ ଗୁଡ଼ିକ ଇଲେକ୍ଟ୍ରୋଲାଇଟ ବଜାୟ ରଖିବାରେ ସହାୟକ ହୋଇଥାଏ। ଏହି ପୋଷକ ତତ୍ତ୍ୱରେ ଅସନ୍ତୁଳନ ହେଲେ ଶରୀରରେ ଅନେକ ପ୍ରକାରର ସମସ୍ୟା ଦେଖାଦେଇପାରେ। ତେଣୁ ଏହାର ଲକ୍ଷଣ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ସମସ୍ତଙ୍କ ଶରୀରରେ ସମାନ ଭାବରେ ଦେଖା ଦେଇନଥାଏ। ଛୋଟ ପିଲା, ବୟସ୍କ, ଯୁବ ବର୍ଗ, ପରିଶ୍ରମୀ ମଣିଷ, ମହିଳା ମାନଙ୍କ ପାଇଁ ସେମାନଙ୍କ ଶରୀରର ସଞ୍ଚାଳନ ଓ କର୍ମ ବ୍ୟସ୍ତତାକୁ ଦେଖି ଏହା କମ ବେଶୀ ହୋଇଥାଏ। ତେବେ ବର୍ତ୍ତମାନ ସମୟକୁ ଦେଖିଲେ ପାଣିପାଗରେ କୌଣସି ଶୀତଳତା ନଥିବାରୁ ଏବଂ ପ୍ରଚଣ୍ଡ ଖରାରେ, ସମସ୍ତଙ୍କ ଶରୀରରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଦେଖିବାକୁ ମିଳୁଛି। ବାସ୍ତବ କଥା ହେଉଛି ଏହା ସେପରି ଏକ ଭୟଭୀତ ହେଲାପରି ସ୍ୱାସ୍ଥ୍ୟ ସମସ୍ୟା ନୁହେଁ। କିନ୍ତୁ ଏହାକୁ ହାଲକା ଭାବି ଅଣଦେଖା କରିବା ବା ସମସ୍ୟାକୁ ଗଡ଼େଇବା କାରଣ ରଖିଲେ ପରବର୍ତ୍ତୀ ସମୟରେ ଏହା ଶରୀରରେ ଜଟିଳ ସମସ୍ୟା ସହ ଅନ୍ୟ ରୋଗ ପାଇଁ ପରୋକ୍ଷରେ ଦାୟୀ ହୋଇଥାଏ।

ଉପାୟ : ଶରୀରରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଥିବାର ଯଦି ସାମାନ୍ୟତମ ଅନୁଭବ କରନ୍ତି ତେବେ ଆପଣ ଆପଣଙ୍କ ନିୟମିତ ଖାଦ୍ୟ ତାଲିକା ବଦଳାଇ ଖାଦ୍ୟରେ ଜଳ ଓ ତରଳ ପଦାର୍ଥର ମାତ୍ରା ଅଧିକ ରହୁଥିବା ଜିନିଷ ଗ୍ରହଣ କରନ୍ତୁ। ପ୍ରଚୁର ପରିମାଣର ଚିନି ଲୁଣ ପାଣି ଓ ଯଥା ସମ୍ଭବ ଅଧିକ ପରିମାଣର ଓଆରଏସ ପିଅନ୍ତୁ। କେତେକ ପରିସ୍ଥିତିରେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ଗୁରୁତର ଏବଂ ଏପରିକି ଜୀବନ ପ୍ରତି ବିପଦ ସୃଷ୍ଟି ମଧ କରିପାରେ। ଏପରି ପରିସ୍ଥିତିରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

ଏହା କାହିଁକି ହୁଏ? : ଆପଣଙ୍କ ଶରୀରରେ ଶରୀର ତତ୍ତ୍ୱ ଅନୁଯାୟୀ ଜଳର ପରିମାଣର ମାତ୍ରା ଖସି ଆସିଲେ ବା କମ ହୋଇଗଲେ ସେତେବେଳେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହୋଇପାରେ। ଏହାର ଅନେକ କାରଣ ମଧ ରହିଛି। ବାନ୍ତି, ଝାଡ଼ା, ଅତ୍ୟଧିକ ଝାଳ ବାହାରିବା ଭଳି ସମସ୍ୟା ଦେଖାଦେଲେ, ଡାୟୁରେଟିକ ମେଡ଼ିସିନ ଖାଇବା ଦ୍ୱାରା, କିଡ଼ନୀ କିମ୍ବା ଫୁସଫୁସ ରୋଗରେ ପୀଡ଼ିତ ଥିଲେ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ଏଥିପ୍ରତି ଯତ୍ନବାନ ହେବା ଜରୁରୀ।

ଲକ୍ଷଣ : ସାଧାରଣତଃ ଇଲେକ୍ଟ୍ରୋଲାଇଟ ଅସନ୍ତୁଳନର ସାମାନ୍ୟ ସ୍ତରରେ ଥିବାବେଳେ ଅନେକ ଲକ୍ଷଣ ଦେଖାଯାଇ ନଥାଏ। ଜଣେ ରକ୍ତ ପରୀକ୍ଷା ନକରିବା ପର୍ଯ୍ୟନ୍ତ ଏହି ସମସ୍ୟା ଚିହ୍ନଟ ହେବା ସମ୍ଭବ ହୋଇନଥାଏ। ତେବେ ପରବର୍ତ୍ତୀ ସମୟରେ ଅସ୍ୱସ୍ତିକର ସହ ସମସ୍ୟା ଜଣକୁ ବିଚଳିତ କରିବା ସହ ହୃଦସ୍ପନ୍ଦନ, ଥକ୍କାପଣ, ବାନ୍ତି, ଝାଡ଼ା କିମ୍ବା କୋଷ୍ଠକାଠିନ୍ୟ ଏବଂ ପେଟ ସମସ୍ୟା ସୃଷ୍ଟି ହୋଇଥାଏ। ଯଦି ଏପରି ଲକ୍ଷଣ ଗୁଡ଼ିକ ଦେଖାଯାଏ ତେବେ ନିଶ୍ଚିତ ଭାବରେ ଏହି ବିଷୟରେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ସରକାରୀ ଡାକ୍ତରଖାନାର ତୁରନ୍ତ ସହାୟତା ନେଇପାରିବେ। ଅଭିଜ୍ଞ ଭେଷଜ ବିଶେଷଜ୍ଞ ବା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ମଧ ଆପଣଙ୍କୁ ପରାମର୍ଶ ଦେଇପାରିବେ।

କିପରି ଠିକ କରିବେ? : ଆପଣଙ୍କର ସ୍ୱାସ୍ଥ୍ୟର ସ୍ଥିତି, ଶରୀର ସନ୍ତୁଳନ, ଡାଏଟ ଚାର୍ଟ, ବିଶ୍ରାମ ଅବଧି, ଆପଣଙ୍କ କର୍ମ ବ୍ୟସ୍ତତା ସବୁକିଛିକୁ ବିଚାର କରି ଚିକିତ୍ସା ବ୍ୟବସ୍ଥା ଆରମ୍ଭ ହୋଇଥାଏ। ସାଧାରଣତଃ ଆମ୍ଭମାନଙ୍କ ଶରୀରରେ ଥିବା ଖଣିଜ ତତ୍ତ୍ୱ ଅଭାବକୁ ଦୂର କରିବା ପାଇଁ ତରଳ ପଦାର୍ଥର ବ୍ୟବହାର ବେଳେ ବେଳେ କରାଯାଇଥାଏ। ତେବେ କୌଣସି ତତ୍କାଳ ବା ଜରୁରୀ ସମସ୍ୟା ଥିଲେ ଏଥିପାଇଁ କାଜୁଆଲଟି ସେବା ଭାବେ ସାଲଲାଇନ, ଇଞ୍ଜେକ୍ସନର ବ୍ୟବହାର କରାଯାଏ।

ଗ୍ରୀଷ୍ମ ଦିନରେ ବିଶେଷକରି ମହିଳାମାନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାକୁ ସାମ୍ନା କରିଥାନ୍ତି। କର୍ମଜୀବୀ ମହିଳା ହୁଅନ୍ତୁ ବା ଗୃହିଣୀ ସମସ୍ତେ କର୍ମ ବ୍ୟସ୍ତ ସମୟରେ ବିଶେଷକରି ଗ୍ରୀଷ୍ମ ଦିନରେ ଯେଉଁ ସମସ୍ୟାଟି ଅଧିକ ସାମ୍ନା କରିଥାନ୍ତି ତାହା ହେଉଛି ଏହି ଇଲେକ୍ଟ୍ରୋଲାଇଟ ଅସନ୍ତୁଳନ। ଏହାକୁ କେହି କେହି ଅଣଦେଖା କରିଥାନ୍ତି କିନ୍ତୁ ଆପଣଙ୍କର ଉଦାସୀନତା ବା ଅବହେଳା ପରବର୍ତ୍ତୀ ସମୟରେ ଅଂଶୁଘାତ ସମସ୍ୟା ପରି ଶରୀରକୁ ସଙ୍କଟାପନ୍ନ କରିଦେବ। ଗ୍ରୀଷ୍ମ ଦିନରେ ନିଜ ଖାଦ୍ୟପେୟ, ବିଶ୍ରାମ ସହ ଯଥା ସମ୍ଭବ ଟାଣ ଖରାରୁ ଦୂରେଇ ରହିବା ସର୍ବାଦୌ ବାଞ୍ଛନୀୟ। ପ୍ରଚୁର ପରିମାଣର ବିଶୋଧିତ ପାଣି ପିଇବା ସହ ଶରୀରରୁ ଝାଳ ଦ୍ୱାରା ଅନେକ ପରିମାଣର ବର୍ଜ୍ୟବସ୍ତୁ ବାହାରକୁ ଚାଲି ଯାଉଥିଲେ ମଧ ଯଥାସମ୍ଭବ ଫଳରସ, ପଇଡ଼, ଆଖୁରସ, ବେଲପଣା ଓ ଦେଶୀୟ ଫଳ ପ୍ରସ୍ତୁତ ଜୁସ ପିଅନ୍ତୁ। ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟକୁ ଗୁରୁତ୍ୱ ଦେବା ସହ ପନିପରିବା ଓ ଶାଗକୁ ଅଗ୍ରାଧିକାର ଭିତ୍ତିରେ ରଖନ୍ତୁ। ଆମିଷ କମ ଖାଇବା ଭଲ। କୌଣସି ପ୍ରକାର ମାଦକ ଦ୍ରବ୍ୟ ଶରୀର ପାଇଁ ହାନିକାରକ। ଖରାଦିନରେ ଅନେକ ଖାଦ୍ୟ ତାଲିକାରେ ପଖାଳକୁ ଗୁରୁତ୍ୱ ଦେଇଥାନ୍ତି। ଏହା ମଧ ଶରୀର ପାଇଁ ଉପଯୋଗୀ।

ଯଥା ସମ୍ଭବ ଗରମ କିମ୍ବା ଖରା ଠାରୁ ଦୂରେଇ ରୁହନ୍ତୁ। ପର୍ଯ୍ୟାପ୍ତ ପରିମାଣର ଓଆରଏସ, ଲସି, ତୋରାଣି, ଲେମ୍ବୁପାଣି ପିଅନ୍ତୁ। ଠିଲା ପୋଷାକ ପିନ୍ଧନ୍ତୁ, ଚଷମା, ଟୋପି, ଛତା ପିନ୍ଧନ୍ତୁ ନିଜକୁ ସୂର୍ଯ୍ୟ କିରଣରରୁ ରକ୍ଷ କରନ୍ତୁ। ଅଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଓ ବାଶୀ ଖାଦ୍ୟ ଖାଆନ୍ତୁ ନାହିଁ। ଯଦି ଆପଣ ମୂର୍ଚ୍ଛା ହେବାଭଳି ଅନୁଭବ କରୁଛନ୍ତି ତେବେ ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଶରୀରର ତାପାମତ୍ରା ମାପନ୍ତୁ ଯଦି ଶରୀରରେ ଚର୍ମ ଅତ୍ୟଧିକ ଗରମ ଓ ଶୁଷ୍କ ଦେଖାଯାଏ ମତି ଭ୍ରମ ବାତ କିମ୍ବା ଅଚେତ ହୋଇଯିବା ଭଳି ଅସ୍ୱାଭାବିକ ଲକ୍ଷଣ ପ୍ରକାଶ ପାଏ ତେବେ ବିଳମ୍ବ ନକରି ତୁରନ୍ତ ଡାକ୍ତରଖାନା ଯାଆନ୍ତୁ। ଗ୍ରୀଷ୍ମ ପ୍ରଭାବ ଯୋଗୁଁ ବାଷ୍ପୀଭବନ ପ୍ରକ୍ରିୟା ତେଜ ହୋଇଥାଏ ଏବଂ ମାଟିର ଆର୍ଦ୍ରତା ସ୍ତର ହ୍ରାସ ପାଉଥିବାରୁ ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ବିଶେଷକରି ଏ ସମୟରେ ତାପମାତ୍ରା ବଢ଼ିବା ଦ୍ୱାରା ଖାଦ୍ୟ ଓ ଜଳରେ ବ୍ୟାକ୍ଟେରିଆ ବଂଶ ବୃଦ୍ଧି ପାଇଁ ପରିଣତି ସ୍ୱରୂପ ଡାଏରିଆ, ହଇଜା, ଡିସେଣ୍ଟ୍ରି, ଇନଫେକ୍ଟିଭ ଗ୍ୟାଷ୍ଟ୍ରୋ ଏଣ୍ଟେରାଇଟିସ ଭଳି ସମସ୍ୟା ସୃଷ୍ଟି କରିଥାଏ। ଡ୍ରିହାଇଡେସନ ସମସ୍ୟା ହୃଦରୋଗ ଓ ଶ୍ୱାସକ୍ରିୟା ଜନିତସମସ୍ୟା, କ୍ରୋନିକ କିଡ଼ନରୋଗ ପ୍ରତି ଅଧିକ ଦୁର୍ବଳ କରିଦିଏ। ଅତ୍ୟଧିକ ତାପମାତ୍ରା ଯୋଗୁଁ ବାୟୁମଣ୍ଡଳ ସ୍ଥିର ହୋଇଯାଏ ଯାହାଦ୍ୱାରା ଆଲର୍ଜେନ ଓ ପ୍ରଦୂଷଣଗୁଡ଼ିକ ବାୟୁରେ ଅଟକ ରହନ୍ତି ଓ ଏହାଫଳରେ ଶ୍ୱାସ ହୃଦଜନିତ ମୃତ୍ୟୁ ହାର ବୃଦ୍ଧି ପାଇଥାଏ। ତେବେ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କୁହାଯାଉଥିବା ଇଲେକ୍ଟ୍ରୋଲାଇଟ ସନ୍ତୁଳନକୁ ଗ୍ରୀଷ୍ମ ଦିନରେ ରକ୍ଷା କରିବା ଗୁରୁତ୍ୱପୂର୍ଣ୍ଣ। ଏକ ନିରୋଗ ଓ ସୁସ୍ଥ ଶରୀର ଜଣକୁ ଶାନ୍ତି ଓ କର୍ମ କରିବାର ପ୍ରବଣତାକୁ ପ୍ରେରଣା ଯୋଗାଇଥାଏ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, କଟକ, ର-ଙ୍କବସକ୍ଷ : ଯକ୍ସସ୍ୱଙ୍କଭଷବସ୍ୱକ୍ଷକ୍ସରରଙ୍କସସ୍ୱଷକ୍ସବ୮ ୯ ୦ଅଶଙ୍କବସକ୍ଷ.ମକ୍ଟଙ୍କ

# ଡୋପାମାଇନ୍ ଡିଟକ୍ସ

### ପ୍ରଫେସର ଡାକ୍ତର ସମ୍ରାଟ କର

ତୁମେ ନିଶ୍ଚୟ ଲକ୍ଷ୍ୟ କରିଥିବ ଯେ ତୁମର ଦିନ ପୂର୍ବ ପରି ଆରମ୍ଭ ହୁଏ ନାହିଁ। ସକାଳୁ ଉଠିବା ମାତ୍ରେ ତୁମର ମୋବାଇଲ ଦେଖିବା ଆରମ୍ଭ କରିଥାଅ। ଖାଇବା ସମୟରେ ମଧ ମୋବାଇଲରେ ରିଲ ଦେଖିବା ସ୍କ୍ରୋଲ କରିବା ଜାରି ରଖିଥାନ୍ତି ଏବଂ ସଙ୍ଗୀତ ବିନା ଗାଧୋଇବା ଅସମ୍ଭବ। ମୋବାଇଲରେ ୟୁଟ୍ୟୁବ, ହ୍ୱାଟସଆପ ଏବଂ ଇନଷ୍ଟାଗ୍ରାମ ଦେଖିବା ମଧ ଏକ ଅଭ୍ୟାସରେ ପରିଣତ ହୋଇଛି। ଏହା ବ୍ୟତୀତ ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ କୌଣସି ପୋଷ୍ଟ ସେୟାର କର, ତୁମେ ଲୋକଙ୍କ ଲାଇକ ଏବଂ ମନ୍ତବ୍ୟ ଯାଞ୍ଚ କରିବା ପାଇଁ ଏହାକୁ ବାରମ୍ବାର ଖୋଲ। ତୁମେ ସାକାରାତ୍ମକ ମନ୍ତବ୍ୟ ଦେଖି ଖୁସି ହୁଅ କିନ୍ତୁ ନାକାରାତ୍ମକ ମନ୍ତବ୍ୟଗୁଡ଼ିକ ପାଇଁ ଦୁଃଖିତ ହୁଅ। ଏହା ସବୁ ଡୋପାମିନ ଯୋଗୁଁ ହୁଏ। ଯେତେବେଳେ ତୁମେ ସୋସିଆଲ ମିଡ଼ିଆରେ ମତାମତ ପାଅ ଏହି ସମାନ ଡୋପାମିନ ତୁମର ମସ୍ତିଷ୍କରେ ଛୋଟ ଛୋଟ ବିସ୍ଫୋରଣ ସୃଷ୍ଟି କରେ। ଯାହା ତୁମକୁ ଏକ କ୍ଷଣିକ ଖୁସିର ଅନୁଭବ ଦିଏ। ଏହି କ୍ଷଣିକ ଆନନ୍ଦ ପାଇଁ ଏହି ସବୁ ଡିଜାଇନ କରାଯାଇଛି। ଏହା ଆପଣଙ୍କ ମସ୍ତିଷ୍କ ଉପରେ ସିଧାସଳଖ ପ୍ରଭାବ ପକାଏ।

ଆପଣ ନିରନ୍ତର ଉଚ୍ଚ ଡୋପାମାଇନ ଉତ୍ତେଜନାରେ ରୁହନ୍ତି। ଯେଉଁଠାରେ ଛୋଟ ଛୋଟ ଜିନିଷରୁ ମିଳୁଥିବା ଆନନ୍ଦ ମଳିନ ହୋଇଯାଏ। ଏହି କାରଣରୁ ଡୋପାମାଇନ ଡିଟକ୍ସ ନାମକ ଏକ ନୂତନ ଧାରଣା ଉଭା ହୋଇଛି। ଏହା ଏକ ନ୍ୟୁରୋଟ୍ରାନ୍ସମିଟର ଯାହା ମସ୍ତିଷ୍କ କୋଷଗୁଡ଼ିକୁ ବାର୍ତ୍ତା ପଠାଏ, ପ୍ରେରଣା, ଉତ୍ତେଜନା, କୌତୁହଳ ଏବଂ ପୁରସ୍କାରର ଭାବନା ସୃଷ୍ଟି କରେ। ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କ କାମରେ ସନ୍ତୋଷ ଦିଏ ଏବଂ ସେମାନଙ୍କୁ କଠିନ ପରିଶ୍ରମ ଜାରି ରଖିବାକୁ ପ୍ରେରଣା ଦିଏ। କିନ୍ତୁ ସମସ୍ୟା ସେତେବେଳେ ଉପୁଜେ ଯେତେବେଳେ ଏହି ରାସାୟନିକ ପଦାର୍ଥ ବାରମ୍ବାର ଅନିଚ୍ଛାକୃତ ଭାବରେ କେବଳ ବାହ୍ୟ ଉଦ୍ଦୀପନାରୁ ମୁକ୍ତ ହୁଏ। ଏହା ଆପଣଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ କିନ୍ତୁ ଏହା ଧୀରେ ଧୀରେ ଆପଣଙ୍କୁ ଜୀବନର ବଡ଼ ଲକ୍ଷ୍ୟ ଏବଂ ପ୍ରକୃତ ସମ୍ପର୍କରୁ ଦୂରେଇ ରଖିପାରେ।

ଉଦାହରଣ ସ୍ୱରୂପ, ସୋସିଆଲ ମିଡ଼ିଆରେ ଲାଇକ ପାଇଲେ ଉତ୍ସାହିତ ହେବା, ଭିଡ଼ିଓ ଗେମ ଜିତିଲେ ଅତ୍ୟନ୍ତ ରୋମାଞ୍ଚ ଅନୁଭବ କରିବା, କିମ୍ବା ଜଙ୍କଫୁଡ଼ ଖାଇଲେ ତୁରନ୍ତ ତୃପ୍ତି ଅନୁଭବ କରିବା। ଏହି ଅଭ୍ୟାସଗୁଡ଼ିକ ଧୀରେ ଧୀରେ ମସ୍ତିଷ୍କକୁ ତୁରନ୍ତ ପୁରସ୍କାର ପାଇଁ ଆକର୍ଷିତ କରିଥାଏ। ଫଳସ୍ୱରୂପ, ପାଠପଢ଼ା, ସୃଜନଶୀଳ ପ୍ରକଳ୍ପ କିମ୍ବା ଶାରୀରିକ ବ୍ୟାୟାମ ଭଳି ଦୀର୍ଘ ଏବଂ ଧୈର୍ଯ୍ୟପୂର୍ଣ୍ଣ କାର୍ଯ୍ୟଗୁଡ଼ିକ କଷ୍ଟକର ଲାଗିପାରେ କାରଣ ସେଗୁଡ଼ିକ ଆପଣଙ୍କୁ ତୁରନ୍ତ ସନ୍ତୋଷ ପ୍ରଦାନ କରେ ନାହିଁ, ଏବଂ ଆପଣ ଦୀର୍ଘକାଳୀନ ଫଳାଫଳ ପାଇଁ ଅପେକ୍ଷା କରିବାର ଅଭ୍ୟାସ ହରାଇବେ। ନିଜ ଜୀବନଟିକୁ ଯୋଜନାବଦ୍ଧ ଭାବେ ଏକ ଭଲ ରୁଟିନ ପ୍ରସ୍ତୁତ କରି ତିଆରି କରନ୍ତୁ। ଦେଖିବେ ଆପଣଙ୍କ ପାଇଁ ପ୍ରତିଟି ମୁହୂର୍ତ୍ତ ଆନନ୍ଦମୟ ଓ ଉପଭୋଗ୍ୟ ହୋଇପାରିବ।

ମାନସିକ ରୋଗ ବିଶେଷଜ୍ଞ, 'ଦି'ବେନ ' ପୁରୀଘାଟ ରୋଡ଼,
କଟକ, ଦୂରଭାଷ : ୯୪୩୭୧୬୩୪୦୬

# ଚକମକର ଝିଲିମିଲି ଧଳା ଆଲୁଅ ନେଉଛି ଜୀବନ

### ଡକ୍ଟର ରାଜକିଶୋର ମିଶ୍ର

ଆଜିକାଲି ପ୍ରାୟତଃ ରାତି ସମୟରେ ଘରୋଇ, ପାରିବାରିକ, ସାମାଜିକ ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ଓ ରାଜନୈତିକ ଅନୁଷ୍ଠାନମାନେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। ଆମ ଆଲୋଚନାର ପ୍ରଥମ କେନ୍ଦ୍ରବିନ୍ଦୁ ହେଉ, ବିବାହ ବରଯାତ୍ରୀରେ ଯାଉଥିବା ଝିଲିମିଲି ବିଭିନ୍ନ ପ୍ରକାର ଆଖିକୁ ଜଳକା କରିଦେଉଥିବା ଆଲୁଅ ସବୁ, ସେହିପରି ବିଭିନ୍ନ ମେଢ଼ ଶୋଭାଯାତ୍ରା ଠାରୁ ରାଜନୈତିକ ଦଳ ମାନଙ୍କର ଲମ୍ବା ଲମ୍ବା ପଟୁଆର ଯଦି ରାତି ସମୟରେ ଆଉ ସେ ପୁଣି ସହରର ଜନବହୁଳ ଅଞ୍ଚଳରେ ହୁଏ ତେବେ ଏ ଝିଲିମିଲି ଧଳା ଆଲୁଅ ଯେ କେତେ ଭୟାନକ, କେତେ ବିପଦ ସୃଷ୍ଟି କରିପାରେ? ଅନେକ ପ୍ରତ୍ୟେକ୍ଷ କରିଥିବେ। ନିକଟରେ ବିଶ୍ୱ ଜୈବ ବିବିଧତା ଦିବସ ପାଳନ ହୋଇଛି। ଆଜିକା ସମୟରେ ଜୈବ ବିବିଧତା ସମ୍ପର୍କରେ ଅନେକଙ୍କର ଧାରଣା ମଧ ନାହିଁ।

ଆପଣ ଟିକିଏ ମନେ ପକାନ୍ତୁ। ଦିନଥିଲା ପଲ ପଲ ବାଦୁଡ଼ି ଆଉ ପେଚ୍ଚା ବଂଶ ଅନେକ ଉତ୍ପାତ କରୁଥିଲେ। ଜୁଳୁଜୁଳିଆ ପୋକ ଆମ ନିତିଦିନିଆ ଜୀବନର ଏକ ବାଲ୍ୟ ସାଥି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଝିଣ୍ଟିକା, କାଇ ଏବଂ ବିଭିନ୍ନ ପ୍ରକାର ପୋକ ପ୍ରାୟତଃ ଆଉ ଦିଶୁ ନାହାଁନ୍ତି। ରାତି ହେଲେ କୀଟପତଙ୍ଗ ଦିନଥିଲା ଆମ ମାନଙ୍କ ଜୀବନ ସ୍ମୃତିରେ ଏକ ବଡ଼ ଅଂଶୀଦାର ଥିଲେ ସେମାନେ। ଏବେ ସେମାନଙ୍କୁ କେତେଜଣ ଆଉ ଦେଖୁଛନ୍ତି? ରାତି ହେଲେ ସେଇ କୀଟପତଙ୍ଗମାନେ ଆଉ ପୂର୍ବପରି ଦିଶୁ ନାହାଁନ୍ତି। ସେମାନଙ୍କର ପ୍ରଜନନ କମୁଛି ସେହିପରି ପକ୍ଷୀ ମାନଙ୍କର ହରମୋନ ସନ୍ତୁଳନ ଦିଗହରା ହୋଇ ଅନେକ ପକ୍ଷୀ ଗର୍ଭ ଧାରଣ ମଧ କରିପାରୁନାହିଁ। ସହରରେ ଥିବା ବସା ଭିତରେ ସେମାନେ ଟିକିଏ ଶାନ୍ତିରେ ବି ଶୋଇ ପାରୁନାହାଁନ୍ତି। ଉଦ୍ଭିଦଜଗତର ପରାଗ ସଙ୍ଗମ ଯାହାକି ଆମ ନିତିଦିନିଆ ଜୀବନ ସହ ଭୌଗୋଳିକ ଓ ପରିବେଶ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ତାହା ମଧ ବିପନ୍ନ ହେବାକୁ ବସିଲାଣି। ଯାହାଦ୍ୱାରା ଖାଦ୍ୟ ଶୃଙ୍ଖଳ ବିପନ୍ନ, ଏଣେ ଇରାନ-ଆମେରିକା ଗଲ୍ଫ ଯୁଦ୍ଧରେ ଟଙ୍କାର ତଳ ମୁହାଁ ପରିସ୍ଥିତି। ସହରୀ ଚକମକ ଆଲୁଅ ଏ କୀଟପତଙ୍ଗ ପାଇଁ ନିରବ ବିପଦ। ଅନେକ ଜାଣିନଥିବେ ସହରରେ ବା ବିଭିନ୍ନ ସ୍ଥାନରେ ଯେଉଁ ବଡ଼ ବଡ଼ ଉଚ୍ଚ ଆଲୋକ ସମ୍ପନ୍ନ ଏଲଇଡ଼ି, ହାଇମାକ୍ସ, ଷ୍ଟ୍ରିଟ ଲାଇଟ ତିଆରି ହୋଇଛି ଏହା ଜୈବ ବିବିଧତା ଓ ଆମେ ଆଲୋଚନା କରୁଥିବା ଛୋଟମୋଟ କ୍ଷୁଦ୍ର ପ୍ରାଣୀ ଜଗତ। ଏମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରଭାବିତ। ସହରାଞ୍ଚଳ ଆକାଶର ଚକମକି ଆଲୋକ ସେମାନଙ୍କ ଅନ୍ଧାରକୁ ଉଭାନ କରିଦେଉଛି। ସେମାନଙ୍କ ପାଇଁ ଏହା ଭୟାନକ କାଳ।

ଗବେଷଣା ସଂସ୍ଥା ଦିନକ ଭିତରେ ଲାଇଟ ପଲ୍ୟୁସନ ମ୍ୟାପର ଯାହା ତଥ୍ୟ ଉଲ୍ଲେଖ ରହିଛି ପ୍ରାକୃତିକ ରାତିର ଅନ୍ଧାର ବଦଳରେ ଦ୍ୱୈତ ନଗରୀ ଭୁବନେଶ୍ୱରର ନୂଆ ଆଇଟି ଜୋନ ଭାବେ ପରିଚିତ ଚନ୍ଦ୍ରଶେଖରପୁର, ପଟିଆ, ଇନଫୋସିଟି ଆଖପାଖ ଅଞ୍ଚଳ ପ୍ରାୟ ୨୭ଶହ ପ୍ରତିଶତ ଅଧିକ ଉଜ୍ଜ୍ୱଳ ରହୁଛି ଯେଉଁଠି ନିକଟବର୍ତ୍ତୀ ଚନ୍ଦକା ଅଭ୍ୟାରଣ୍ୟର ସର୍ବନିମ୍ନ ୩୦୦% ରହୁଛି। ତେବେ କେବଳ ଭୁବନେଶ୍ୱରରେ ନୁହେଁ ଅନ୍ୟତମ ବଡ଼ ସହର କଟକ, ଅନୁଗୁଳ, ତାଳଚେର, ବ୍ୟାସନଗର, ବ୍ରହ୍ମପୁର ପ୍ରମୁଖ ଅଞ୍ଚଳରେ ଆଲୋକ ଜନିତ କୃତ୍ରିମ ରାତ୍ରିରେ ଉଜ୍ଜ୍ୱଳତା ଖୁବ ବଢ଼ାଇ ଦେଉଛି। ତେବେ କୀଟ ବିଜ୍ଞାନ ପରିଷଦରୁ ସ୍ପଷ୍ଟ ହୋଇଛି ଯେ ପ୍ରକୃତରେ କୀଟପତଙ୍ଗମାନେ ଅତ୍ୟଧିକ ଆଲୋକ ବିକିରଣ ଯୋଗୁଁ ଭୁଲ ଦିଗରେ ଆସି ମରିଥାନ୍ତି ଏହା କ୍ରମଶଃ ବୃଦ୍ଧି ପାଉଛି ଯାହାକି ଚିନ୍ତା ଜନକ। ସେମାନଙ୍କ ତଥ୍ୟ ଅନୁଯାୟୀ ରାତିଚର ପ୍ରାଣୀ କୁହାଯାଉଥିବା ଏହି କୀଟପତଙ୍ଗ ଚନ୍ଦ୍ରକୁ ପଛକରି ଯାତାୟତ କରନ୍ତି। ଏହା ସେମାନଙ୍କ ଦିଗକୁ ନିରୂପିତ କରିଥାଏ। ତେବେ ସହରର ବଡ଼ ବଡ଼ ଉଚ୍ଚକ୍ଷମତା ସମ୍ପନ୍ନ ଷ୍ଟ୍ରିଟ ଲାଇଟ ଅଧିକ ଉଜ୍ଜ୍ୱଳ ଦିଶୁଥିବାରୁ ସେମାନେ ତାହାକୁ ଚନ୍ଦ୍ର ମନେକରି ଭୁଲରେ ସେ ଦିଗକୁ ଆକର୍ଷିତ ହୋଇଥାନ୍ତି। ପୁରୁଷ କୀଟପତଙ୍ଗ ଏ କ୍ଷେତ୍ରରେ ଅଧିକ ଶିକାର ହୋଇଥାନ୍ତି। ଏହି ଉଜ୍ଜ୍ୱଳ ଆଲୋକକୁ ସାମ୍ନା କରି ସେମାନେ ଦୁର୍ବଳ ହୋଇପଡ଼ିଥାନ୍ତି, ସେମାନଙ୍କୁ ଆହାର ସଂଗ୍ରହ କରିବାକୁ ଭଲ ଲାଗିନଥାଏ ଏପରିକି ନିଜ ସାଥୀ ସହ ମିଳନ ଇଚ୍ଛୁକ ହୋଇନଥାନ୍ତି ଯାହା ସେମାନଙ୍କ ପ୍ରଜନନ ସଂଖ୍ୟା କମାଉଛି। ଉଜ୍ଜ୍ୱଳ ଆଲୋକ ବ୍ୟାପକ ଭାବରେ କୀଟପତଙ୍ଗ ମାନଙ୍କୁ କେବଳ ଦୁର୍ବଳ କରୁନି ସେମାନଙ୍କ ଜୀବନ ନେଉଛି। କୀଟପତଙ୍ଗ ସଂଖ୍ୟା ହ୍ରାସ ଯୋଗୁଁ ଗଛପତ୍ରର ପରାଗ ସଙ୍ଗମ ପ୍ରଭାବିତ ହେଉଛି। ଏମିତି ହେଲେ ଜୀବଜଗତର ଖାଦ୍ୟ ପ୍ରକ୍ରିୟା ଶୃଙ୍ଖଳା ପ୍ରଭାବିତ ହେବ। ଜଙ୍ଗଲର ଜୈବ ବିବିଧତା ମଧ ଏହାଦ୍ୱାରା ନଷ୍ଟ ହେବ। ବିଭିନ୍ନ ବର୍ଜ୍ୟ ଓ ପଚାଷଢ଼ା ଜିନିଷର ବିଘଟନ ପ୍ରକ୍ରିୟା ବିଳମ୍ବିତ ହେବ। ତେଣୁ ଧଳାଷ୍ଟ୍ରିଟ ଲାଇଟ ବଦଳରେ ହଳଦିଆ ରଙ୍ଗର ଏଲଇଡ଼ି ଲାଇଟ ଲଗାଇଲେ କୀଟପତଙ୍ଗ ମାନଙ୍କ ଉପରେ କମ ପ୍ରଭାବ ପକାଇବ।ଏହା ନିଃନ୍ଦେହ ହାଇମାକ୍ସର ଅତ୍ୟଧିକ ଆଲୋକ ପକ୍ଷୀ ବଂଶକୁ ପ୍ରଭାବିତ କରୁଛି। ପକ୍ଷୀଙ୍କ ଜୀବନଶୈଳୀ, ନିଦ୍ରା, ପ୍ରଜନନରେ ଏହା ପ୍ରଭାବ ପକାଉଛି। ରାତିର ଅନ୍ଧାରରେ ଖାଦ୍ୟ ସଂଗ୍ରହ କରୁଥିବା ପେଚ୍ଚା ମାନେ ଅତ୍ୟଧିକ ଆଲୋକିକରଣ ଯୋଗୁଁ ସହର ଠାରୁ ଦୂରେଇ ଯାଉଛନ୍ତି। ମୂଷା ଚୁଚୁନ୍ଦ୍ରା ଅଧିକ ଅତ୍ୟଧିକ ଆଲୋକ ଯୋଗୁଁ ଖାଦ୍ୟ ସଂଗ୍ରହ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜୈବ ବିବିଧତାର ରକ୍ଷା ପାଇଁ ହଳଦିଆ ରଙ୍ଗ ବା ସେମାନଙ୍କୁ ପ୍ରଭାବିତ କରୁନଥିବା ରଙ୍ଗ ଦେବା ସହ ଆମ୍ଭେମାନେ କିପରି ଉଚ୍ଚ ଆଲୋକମାଳା ସବୁ ନ ଆଲୋକିତ କରିବାର ମାନସିକତା ରଖିବା ଏହା ହିଁ ହୋଇପାରେ ସମାଜ ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧ।

ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦, E-mail : drrajkishoremishra224@gmail.com



# ୨୦୩୦ ସୁଦ୍ଧା ଜଳିବ ବିଶ୍ୱ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି):ଜାତିସଂଘର ଏକ ରିପୋର୍ଟ ବିଶ୍ୱକୁ ପୁଣି ଭୟଙ୍କର ଚେତାବନୀ ଦେଇଛି । ରିପୋର୍ଟ ଅନୁସାରେ, ଆଗାମୀ ୫ ବର୍ଷ (୨୦୨୬ରୁ ୨୦୩୦)ରେ ତାପମାତ୍ରା ଆହୁରି ଦ୍ରୁତ ବଢିବ । ଏମିତିକି ୧.୫ ଡିଗ୍ରୀ ସେଲ୍ସିୟସ ସୀମା ବି ଟପିବ । ଗରମର ନୂଆ ରେକର୍ଡ ହେବ । ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍ଓ)ର ଏହି ରିପୋର୍ଟ ସ୍ପଷ୍ଟ କରିଛି ଯେ ମାନବୀୟ ଗତିବିଧିରୁ ଉତ୍ପନ୍ନ ଗ୍ରୀନହାଉସ୍ ଗ୍ୟାସ୍ ଯୋଗୁ ପାଣିପାଗ ଆହୁରି ଚରମ ରୂପ ନେଉଛି । ପ୍ୟାରିସ୍ ଚୁକ୍ତିରେ ସ୍ଥିର ହୋଇଥିଲା, ଆମେ ପୃଥିବୀର ହାରାହାରି ତାପମାତ୍ରା ପୂର୍ବ-ଔଦ୍ୟୋଗିକ ଯୁଗ ତୁଳନାରେ ୧.୫ ଡିଗ୍ରୀ ସେଲସିଏ ଅଧିକ ବିବାକୁ ଦେବୁ ନାହିଁ । କିନ୍ତୁ ଡବ୍ଲ୍ୟୁଏମ୍ଓର ନୂଆ ରିପୋର୍ଟ କହୁଛି, ୨୦୨୬ରୁ ୨୦୩୦ ମଧ୍ୟରେ ୫ ବର୍ଷର ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲdd ଯସ୍ରୁ ଉପରକୁ ଚାଲିଯିବାର ୭୫ ପ୍ରତିଶତ ଆଶଙ୍କା ରହିଛି । ୫ ବର୍ଷ ମଧ୍ୟରୁ ଅତିକମରେ ଗୋଟିଏ ବର୍ଷ ୧.୫ ଡିଗ୍ରୀର ସୀମା ଟପିବ ବୋଲି ୯୧ ପ୍ରତିଶତ ଆଶଙ୍କା କରାଯାଉଛି। ଏହି ୫ ବର୍ଷ ମଧ୍ୟରୁ କୌଣସି ଗୋଟିଏ ବର୍ଷ ୨୦୨୪ର ଗରମ ରେକର୍ଡ ଭାଙ୍ଗିବ । ଅର୍ଥାତ ଆଗାମୀ ବର୍ଷମାନଙ୍କରେ ଗରମ ଆହୁରି ଚରମ ହେବ । ଦ୍ରୁତ ଉଷ୍ମ ହେଉଛି ମେରୁ କ୍ଷେତ୍ର- ମେରୁ କ୍ଷେତ୍ରକୁ ନେଇ ରିପୋର୍ଟରେ ସବୁଠୁ ଚିନ୍ତାଜନକ କଥା ସାମ୍ନାକୁ ଆସିଛି । ଏଠାରେ ତାପମାତ୍ରା ବାକି ବିଶ୍ୱ ତୁଳନାରେ ପ୍ରାୟ ୩.୫ ଗୁଣ ଦ୍ରୁତ ବେଗରେ ବଢୁଛି । ୨୦୨୬ରୁ ୨୦୩୦ ମଧ୍ୟରେ ମେରୁର ତାପମାତ୍ରା ହାରାହାରି ୧.୬୬ ଡିଗ୍ରୀ ସେଲ୍ସିୟସ୍ ଆହୁରି ବଢିପାରେ । ସାମୁଦ୍ରିକ ବରଫ ତରଳୁଛି । ବରଫ କମ୍ ହେବା ଯୋଗୁ ସୂର୍ଯ୍ୟ କିରଣ ସମୁଦ୍ରରେ ଅଧିକ ଶୋଷିତ ହେଉଛି । ଏହା ଦ୍ୱାରା ଗରମ ଆହୁରି ବଢୁଛି । ଏହା ଏକ ଚକ୍ରରେ ରୂପାନ୍ତର ହୋଇଛି । ଏହି ସ୍ଥିତିରେ ଥଣ୍ଡା ଦିନେ ମେରୁ ପୂର୍ବାପେକ୍ଷା ଅଧିକ ଗରମ ରହିବ, ଯାହା ବିଶ୍ୱ ପାଣିପାଗକୁ ପ୍ରଭାବିତ କରିବ । ଆମାଜନର ମରୁଡ଼ି ଓ ଅଗ୍ନିକାଣ୍ଡ



ବିପଦ ଆମାଜନ୍ ପୃଥିବୀର ସର୍ବବୃହତ ଉଷ୍ମମଣ୍ଡଳୀୟ ଜଙ୍ଗଲ । ଏହା ଅଙ୍ଗାରକାମ୍ଳ ଗ୍ରହଣ କରି ପାଣିପାଗକୁ ନିୟନ୍ତ୍ରିତ ରଖେ । କିନ୍ତୁ ସଦ୍ୟ ରିପୋର୍ଟ କହୁଛି, ଆଗାମୀ ୫ ବର୍ଷରେ ଆମାଜନରେ ଅସ୍ୱାଭାବିକ ମରୁଡ଼ି ପଡ଼ିପାରେ । ଏହା ଦ୍ୱାରା ଜଙ୍ଗଲରେ ଅଗ୍ନିକାଣ୍ଡର ବିପଦ ବଢିବ । ଯଦି ଆମାଜନ୍ ଶୁଷ୍କ ହୋଇଯାଏ ଓ ଜଳିଯାଏ, ଅଙ୍ଗାରକ ଶୋଷିବା ବଦଳରେ ନିଜେ ଅଙ୍ଗାରକ ଛାଡ଼ିବ । ଏହା ଦ୍ୱାରା ବିଶ୍ୱ ଉତ୍ତାପନ ଆହୁରି ବଢିଯିବ । ସ୍ଥାନୀୟ ଲୋକଙ୍କ ପାଇଁ ଜଳ ସମସ୍ୟା ବଢିବ । ବଢୁଛି ଚରମ ପାଣିପାଗ ଘଟଣା ଉତ୍ତାପ ବିବା ଯୋଗୁ ପାଣିପାଗ ଆହୁରି ଚରମ ରୂପ ନେଉଛି । ବନ୍ୟା, ମରୁଡ଼ି, ଗ୍ରୀଷ୍ମ ଲହରୀ ଓ ବାତ୍ୟା ଅଧିକ ହେଉଛି । ୟୁରୋପରେ ମେ’ ମାସରେ ରେକର୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି । ଭାରତ, ପାକିସ୍ତାନ ଓ ଅନ୍ୟ ଦେଶରେ ମଧ୍ୟ ଏହାର ପ୍ରଭାବ ବଢୁଛି । ବୈଜ୍ଞାନିକଙ୍କ ଅନୁସାରେ, ପ୍ରତି ୦.୧ ଡିଗ୍ରୀ ଗରମ ବଢିବା ଦ୍ୱାରା ପ୍ରଭାବ ଆହୁରି ଗମ୍ଭୀର ହେଉଛି । ୧.୫ ଡିଗ୍ରୀ ସୀମାଠୁ ଉପରକୁ ଯିବା ବିପଦପୂର୍ଣ୍ଣ । ଏହା ଦ୍ୱାରା ପ୍ରବାଳ ପ୍ରାଚୀର, ଗ୍ଲେସିୟର ଓ ଅନେକ ପରିସଂସ୍ଥାନ ନଷ୍ଟ ହୋଇଯିବ ।

# ବିଧବାଙ୍କ କଟାଯାଇ ଥିବା ପେନସନ ରାଶି ଫେରସ୍ତ କରୁ ଏସ୍‌ବିଆଇ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି):ଦିଲ୍ଲୀ ହାଇକୋର୍ଟ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଦେଇଛନ୍ତି ନିର୍ଦ୍ଦେଶ। ଜଣେ ବିଧବାଙ୍କ ଠାରୁ କଟା ଯାଇଥିବା ପେନସନ ରାଶି ଫେରସ୍ତ କରିବାକୁ କହିଛନ୍ତି । କୋର୍ଟ ଜାଣିଛନ୍ତି ଯେ, କଥିତ ଭାବେ ଅଧିକ ଦିଆଯାଇ ଥିବା ଏହି ଅର୍ଥ ରାଶି ସଂପୂର୍ଣ୍ଣ ରୂପେ ପେନସନ ପ୍ରୋସେସିଂରେ ହୋଇଥିବା ତ୍ରୁଟି କାରଣରୁ ଜମା ହୋଇ ଥିଲା , ସେହି ମହିଳାଙ୍କ ପକ୍ଷରୁ କୌଣସି ମିଛ ତଥ୍ୟ ଦେବା କିମ୍ୱା ଲୁଚାଇବାର କାରଣ ନୁହେଁ । ବିଚାରପତି ସଞ୍ଜିବ ନରୁଲା ଇନ୍ଦିରା ନାମଙ୍କ ଜଣେ ମହିଳାଙ୍କ ପିଟିସନକୁ ମଞ୍ଜୁର କରି ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇ ଥିଲେ ଯେ, ସେ ତାଙ୍କର ଫ୍ୟାମିଲି ପେନସନ ପୂର୍ବରୁ କଟାଯାଇ ଥିବା ଅର୍ଥ ୬ ପ୍ରତିଶତ ବାର୍ଷିକ ସୁଧ ସହ ଫେରସ୍ତ କରାଯାଉ । ଏହାସହ କୋର୍ଟ ବ୍ୟାଙ୍କକୁ ଭବିଷ୍ୟତରେ କୌଣସି ପ୍ରକାରର ଆଉ ଆଦାୟ କରିବାକୁ ବାରଣ କରିଛନ୍ତି । ଆବେଦନକାରୀଙ୍କ ସ୍ୱାମୀ , ଯିଏ ଜଣେ ସରକାରୀ କର୍ମଚାରୀ ଥିଲେ । ତାଙ୍କର ୨୦୦୩ ମସିହାରେ ଚାକିରି ବେଳେ ହିଁ ମୃତ୍ୟୁ ହୋଇଥିଲା । ଏହାପରେ , ଦିଲ୍ଲୀ ସରକାରଙ୍କ ପକ୍ଷରୁ ଜାରି ଏକ ପେନସନ ପେମେଣ୍ଟ ଅର୍ଡର ମାଧ୍ୟମରେ ଆବେଦନକାରୀଙ୍କ ପାଇଁ ଫ୍ୟାମିଲ ପେନସନ ଆବେଦନ କରାଗଲା । ଏହାର ଦେୟ ଏସବିଆଇର ଏକ ଶାଖା ମାଧ୍ୟମରେ କରାଯାଉ ଥିଲା । କିନ୍ତୁ ଥରେ ପେନସନର ଦେୟକୁ ନେଇ ମହିଳା ଦେଖିଲେ ଯେ, ତାଙ୍କର ମାସିକ ପେନସନରେ ହଠା୍ ବହୁତ ହ୍ରାସ ପାଇଛି । ତାଙ୍କୁ କୁହାଗଲା ଯେ, ପେନସନ ରେକର୍ଡରେ ଭୁଲ ଉପାୟରେ ବୃଦ୍ଧିର ତାରିଖ ଥିବା କାରଣରୁ , କଥିତ ଭାବେ ୨.୫ ଲକ୍ଷରୁ ଅଧିକ ଅତିରିକ୍ତ ପେନସନର ପେମେଣ୍ଟ ହୋଇ ଯାଇ ଥିଲା । ପରେ , ଏସବିଆଇ ଏହି କଥିତ ଅତିରିକ୍ତ ରାଶିର ପୁନର୍ବାର କାଉଣ୍ଟିଂ କଲେ ଏବଂ ଏହାକୁ ୩.୬ ଲକ୍ଷ କହିଥିଲେ । ଏହାପରେ , ବ୍ୟାଙ୍କ ତାଙ୍କ ପେନସନରୁ ପ୍ରତି ମାସ କିଛି କିଛି କାଟିବା ଆରମ୍ଭ କରିଦେଲେ । ଏଥିରେ ଚିନ୍ତିତ ହୋଇ , ମହିଳା ଏହି ରିକଭରୀକୁ ଚ୍ୟାଲେଞ୍ଜ ଦେଲେ । ସେ ଦଲିଲରେ କହିଥିଲେ ଯେ, ସେ ନା କୌଣସି ଭୁଲ ତଥ୍ୟ ଦେଇଥିଲେ ନା କି ଏହି କଥିତ ଅତିରିକ୍ତ ଦେୟରେ ତାଙ୍କର କୌଣସି ଭୂମିକା ଥିଲା । ସେ ଏହା ମଧ୍ୟ କହିଛନ୍ତି ଯେ, ଏହି ହ୍ରାସ ବିନା କୌଣସି ପୂର୍ବ ସୂଚନା,ରେ ଏକତରଫା ଆରମ୍ଭ କରାଯାଇ ଥିଲା । ହାଇକୋର୍ଟ ମହିଳାଙ୍କ ଦଲିଲରେ ସହମତି ପ୍ରକାଶ କରିବା ସହ କହିଥିଲେ, ରେକର୍ଡରେ ଏହା କିଛି ବି ନାହିଁ, ଯେଉଁଥିରେ ଜାଣିହେବ ଯେ, ଆବେଦନକାରୀଙ୍କୁ ଏହି କଥାର ସୂଚନା ଥିଲା – କିମ୍ୱା ତାଙ୍କୁ ଉଚିତ ରୂପେ ଜଣାଯିବା ଉଚିତ ଥିଲା ଯେ, ତାଙ୍କୁ ତାଙ୍କର ଲିଗାଲ ରାଇଟରୁ ଅଧିକ ଅର୍ଥ ମିଳୁଛି । କୋର୍ଟ ଏସବିଆଇକୁ ଏହି କଥା ପାଇଁ ଦୋଷୀ କରାଇ ଥିଲେ । କହିଥିଲେ ଯେ, ସେ କଥିତ ଅତିରିକ୍ତ ଦେୟର ବିବରଣୀ କିମ୍ବା ରିକଭରୀର ପ୍ରସ୍ତାବ ଉପାୟ ଆବେଦନକାରୀଙ୍କୁ ନଜଣାଇ ରିକଭରୀ ଆରମ୍ଭ କରିଦେଇ ଥିଲେ ।

## ବଢୁଛି ଅଣସଂକ୍ରମିତ ମୃତ୍ୟୁ ସଂଖ୍ୟା !

ନୂଆଦିଲ୍ଲୀ,୨୯।୫(ଏଜେନ୍ସି):ଭାରତର ଯୁବପିଢିଙ୍କ ମୃତ୍ୟୁର ଏବେ ନୂଆ କାରଣ ସାମ୍ନାକୁ ଆସିଛି । ନନ-ମ୍ୟୁନିକେବଲ ଅର୍ଥାତ ଅଣ-ସଂକ୍ରମିତ ରୋଗରେ ମୃତ୍ୟୁ ସଂଖ୍ୟା ବଢିବାରେ ଲାଗିଛି ।୨୦୨୨ରୁ ୨୦୨୪ ମସିହାରେ ମୋଟ ମୃତ୍ୟୁର ୬୦ ଅଣ-ସଂକ୍ରମିତ ରୋଗ ପାଇଁ ହୋଇଛି । ବିଶେଷକରି ଗ୍ରାମାଞ୍ଚଳରେ ଅଣ-ସଂକ୍ରମିତ ରୋଗରେ ମୃତ୍ୟୁ ସଂଖ୍ୟା ବଢିଛି । ସ୍ୟାମ୍ପଲ ରେଜିଷ୍ଟ୍ରେସନ୍ ସିଷ୍ଟମ୍ ଷ୍ଟାଟିଷ୍ଟିକାଲ୍ ରିପୋର୍ଟ ୨୦୨୪ ଅନୁଯାୟୀ ଏହା ଜଣାପଡ଼ିଛି । ଏହା ୨୦୧୫-୨୦୧୭ ମସିହା ତୁଳନାରେ ୭ ଦଶମିକ ୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୫-୨୦୧୭ ମସିହାରେ ମୋଟ ମୃତ୍ୟୁର ୫୨ ଦଶମକ ୮ପ୍ରତିଶତ ଅଣ-ସଂକ୍ରମିତ ରୋଗ ପାଇଁ ହୋଇଥିଲା । ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଅଣ-ସଂକ୍ରମିତ ଗୁଡ଼ିକ ମଧ୍ୟରେ କେବଳ ହୃଦ୍ରୋଗ ଯୋଗୁ ୨୦୨୨-୨୦୨୪ରେ ୩୨ ଦଶମକ ୧ ପ୍ରତିଶତ ଲୋକଙ୍କ ଜୀବନ ଯାଇଥିଲା । ୨୦୧୫-୨୦୧୭ରେ ହୃଦରୋଗ ଯୋଗୁ ୨୭ ଦଶମକ ୧ ପ୍ରତିଶତ ଲୋକଙ୍କ ମୃତ୍ୟୁ ହୋଇଥିଲା । ୨୦୧୫-୨୦୧୭ ମସିହା ସହ ତୁଳନା କଲେ ୨୦୨୨-୨୦୨୪ ମସିହାରେ ୫ ପ୍ରତିଶତ ବୃଦ୍ଧି ପାଇଛି । ୨୦୧୫-୨୦୧୭ରେ ସଂକ୍ରାମକ ରୋଗ, ମାତୃ ରୋଗ ଓ ପ୍ରସବ ଏବଂ ପୁଷ୍ଟିହୀନତା ଯୋଗୁ ୨୨ ପ୍ରତିଶତ ଲୋକଙ୍କ ଜୀବନ ଯାଇଥିଲା । କିନ୍ତୁ ୨୦୨୨-୨୦୨୪ରେ ଏହା କମି ୧୯.୭% ୧୯ ଦଶମିକ ୭ ପ୍ରତିଶତକୁ ଖସିଆସିଛି । ଆସନ୍ତୁ ନଜର ପକାଇବା କାହିଁକି ବଢୁଛି ଅଣ-ସଂକ୍ରମିତ ରୋଗ ।

## ଭାରତକୁ ନେତାନ୍ୟାହୁଙ୍କ ଜୋରଦାର ପ୍ରଶଂସା...

ତେଲ ଅଭିଭ୍,୨୯।୫(ଏଜେନ୍ସି):ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗୁରୁବାର ଭାରତର ଜୋରଦାର ପ୍ରଶଂସା କରିଛନ୍ତି । ନେତାନ୍ୟାହୁ କହିଛନ୍ତି, ଭାରତ ଏକ ବଡ଼ ଶକ୍ତି ହୋଇଥିବାବେଳେ ଇସ୍ରାଏଲ ପାଇଁ ‘କ୍ରେଜି ଲଭ୍ (ଖୁବ୍ ଭଲପାଇବା)’ ରହିଛି । ଜୋର୍ଡାନ ଭ୍ୟାଲିରେ ଏକ ନେତୃତ୍ୱ କାର୍ଯ୍ୟକ୍ରମରେ ନେତାନ୍ୟାହୁ କହିଛନ୍ତି ଯେ, ସାରା ବିଶ୍ୱରେ ଆମର ବୈଧତାକୁ ଦୁର୍ବଳ କରିବା ପାଇଁ ପ୍ରୟାସ ଚାଲିଛି, କିନ୍ତୁ ଭାରତରେ ଏହା ଆଦୌ ନୁହେଁ । ଭାରତରେ ଇସ୍ରାଏଲ ପ୍ରତି ଖୁବ୍ ଭଲପାଇବା ରହିଛି, ପ୍ରକୃତରେ ଏହା ପାଗଳ ପ୍ରେମ । ମୁଁ ଭାବୁଛି ବିଶ୍ୱର ଅନ୍ୟ କୌଣସି ସ୍ଥାନ ଅପେକ୍ଷା ଭାରତରେ ମୋର ଅଧିକ ଅନୁଗାମୀ ଅଛନ୍ତି । ଭାରତ ଓ ଇସ୍ରାଏଲ ମଧ୍ୟରେ ପ୍ରତିରକ୍ଷା, କୃଷି, ଜଳ ପରିଚାଳନା, ସ୍ୱାସ୍ଥ୍ୟ, ସୁରକ୍ଷା, ବୈଷୟିକ ଜ୍ଞାନ କୈଶଳ ଓ ସାଇବର କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ



ଖୁବ୍ ସୁଦୃ ରହିଛି । ନେତାନ୍ୟାହୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଖୁବ୍ ଭଲ ବନ୍ଧୁତା ମଧ୍ୟ ରହିଛି । ଅନ୍ୟପକ୍ଷରେ ନେତାନ୍ୟାହୁଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛି । କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମରେ ‘ଏକ୍ସ’ରେ ମୋଦୀ ଚରମ ନୈତିକ ଭୀରୁତା ପ୍ରଦର୍ଶନ କରୁଥିବା ଅଭିଯୋଗ କରିଛନ୍ତି । ଏହା ଭାରତର ମୂଲ୍ୟବୋଧ ପ୍ରତି ‘ବିଶ୍ୱାସଘାତକତା’ ବୋଲି ରମେଶ ଅଭିଯୋଗ କରିଛନ୍ତି ।

## ପୁଣେରେ ବିଷାକ୍ତ ମଦ ପିଇ ୧୫ ମୃତ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି):ମହାରାଷ୍ଟ୍ରର ପିମ୍ପରି-ଚିଞ୍ଚୱାଡ୍ ଓ ପୁଣେ ଅଞ୍ଚଳରେ ବିଷାକ୍ତ ମଦ ପିଇ ୧୫ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ପିମ୍ପରି-ଚିଞ୍ଚୱାଡର ଦାପୋଡି ଓ ଫୁଗେୱାଡି ଅଞ୍ଚଳରୁ ଆଠ ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ କରାଯାଇଛି । ପୁଣେର କାଲେ ପାଦଲ ଅଞ୍ଚଳରେ ଆଉ ତିନି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ହଡପସରରୁ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି । କର୍ତ୍ତୃପକ୍ଷ କହିଛନ୍ତି ଯେ, ମୋଟ ମୃତ୍ୟୁ ସଂଖ୍ୟା ୧୫ରେ ପହଞ୍ଚିଛି । ନକଲି ମଦ ଯୋଗେଶ ୱାଙ୍ଗଡେଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ଯୋଗେଶ ଅବୈଧ ମଦ ବ୍ୟବସାୟରେ ସମ୍ପୃକ୍ତ ବୋଲି କୁହାଯାଉଛି ଓ ତାଙ୍କ ବିରୋଧରେ ପୂର୍ବରୁ ଅନେକ ମାମଲା ରହିଛି । ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ସୂତ୍ର ଅନୁସାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ କଥିତ ବିଷାକ୍ତ ମଦମୃତ୍ୟୁ ଘଟଣା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଣେ ଓ ପିମ୍ପରି-ଚିଞ୍ଚୱାଡର ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପୁଣେ ଓ ପିମ୍ପରି-ଚିଞ୍ଚୱାଡ ପୁଲିସ ବାହିନୀକୁ ମାମଲାର ସମନ୍ୱିତ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଘଟଣା ସହିତ ଜଡିତ ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଚଢାଉ ଜାରି ରହିଛି । ଏହି ଦୁଃଖଦ ଘଟଣାରେ ଫୁଗେୱାଡିର ଗୋଟିଏ ପରିବାରର ଦୁଇ ଭାଇଙ୍କ ଜୀବନ ଯାଇଥିବା ଜଣାପଡ଼ିଛି ।

## ଇସ୍ରାଏଲ ଆକ୍ରମଣରେ ହମାସର ନୂତନ ମୁଖ୍ୟ ନିପାତ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଗାଜାରେ ଆତଙ୍କବାଦୀ ସଂଗଠନ ହମାସର ନୂତନ ମୁଖ୍ୟ ମହମ୍ମଦ ଓଦେହକୁ ଇସ୍ରାଏଲ ଦ୍ୱାରା ଆକ୍ରମଣ କରି ହତ୍ୟା କରାଯାଇଛି । ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ କହିଛନ୍ତି ଯେ, ଗାଜାରେ ଥିବା ହମାସ ଆତଙ୍କବାଦୀ ସଂଗଠନର ସଶସ୍ତ୍ର ଶାଖାର କମାଣ୍ଡରଙ୍କୁ ଗତକାଲି ନିପାତ କରାଯାଇଛି । ହମାସ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହିଁକାଟଜ୍ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ଅକ୍ଟୋବର ୭ ହତ୍ୟାକାଣ୍ଡର ନେତୃତ୍ୱ ନେଇଥିବା ସମସ୍ତଙ୍କୁ ନିପାତ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ସେମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି ସମସ୍ତେ ମୃତ୍ୟୁ ପାଇଁ ଚିହ୍ନିତ ହୋଇଛନ୍ତି । ମଙ୍ଗଳବାର ଏହି ଆକ୍ରମଣ ସମ୍ବନ୍ଧରେ ଘୋଷଣା କରିବା ପରେ କାଟଜ୍ ଓ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏକ ମିଳିତ ବିବୃତିରେ କହିଛନ୍ତି ଯେ, ଓଦେହ ଅକ୍ଟୋବର ୭ ହତ୍ୟାକାଣ୍ଡ ସମୟରେ ହମାସ ଗୁଇନ୍ଦା ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲା ଏବଂ ପ୍ରାୟ ଏକ ସପ୍ତାହ ପୂର୍ବରୁ ତାକୁ ଏଜେଡିନ୍ ଅଲ୍-ହଦ୍ଦାଦର ଉତ୍ତରାଧିକାରୀ ଭାବରେ ନିଯୁକ୍ତ କରାଯାଇଥିଲା । ମେ ୧୫ରେ ଇସ୍ରାଏଲ ଆକ୍ରମଣରେ ହଦ୍ଦାଦ ନିହତ ହୋଇଥିଲା ।

## ତୃଣମୂଳ କଂଗ୍ରେସରେ ଭୂକମ୍ପ

# ମମତା ଓ ଅଭିଷେକଙ୍କୁ ହଟାଇବାକୁ ଜୋରଦାର ଦାବି

କୋଲକାତା,୨୯।୫(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସର ଶୋଚନୀୟ ପରାଜୟ ପରେ ଦଳ ଭିତରେ ଆରମ୍ଭ ହୋଇଯାଇଛି ବଡ଼ ଧରଣର ଗୃହଯୁଦ୍ଧ । ଦୀର୍ଘ ଦିନର ଅସନ୍ତୋଷ ଏବେ ସର୍ବସାଧାରଣରେ ବିସ୍ଫୋରଣ ରୂପ ନେଇଛି। ଦଳର ଶୀର୍ଷ ନେତୃତ୍ୱ ଅର୍ଥାତ ମୁଖ୍ୟ ମମତା ବାନାର୍ଜୀ ଏବଂ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ନେତୃତ୍ୱ ପଦରୁ ହଟାଇବା ପାଇଁ ଏବେ ଦଳ ଭିତରୁ ହିଁ ସ୍ୱର ଉଠିବାରେ ଲାଗିଛି । ସାଂସଦ କାକଲୀ ଘୋଷ ଦସ୍ତିଦାର, ପ୍ରଶନ୍ନ ସାଂସଦ ଡାକ୍ତର ଶାନ୍ତନୁ ସେନ, ଜବାହର ସରକାର, ଅରୂପ ଚକ୍ରବର୍ତ୍ତୀ ଏବଂ ସୁଶାନ୍ତ ଘୋଷଙ୍କ ଭଳି ବଡ଼ ବଡ଼ ନେତାମାନେ ଗତ ଦୁଇ ଦିନ ମଧ୍ୟରେ ଦଳୀୟ ଦାୟିତ୍ୱ ଛାଡ଼ି ଗଣମାଧ୍ୟମରେ ଖୋଲାଖୋଲି ବୟାନବାଜି ଆରମ୍ଭ କରିଛନ୍ତି । ଏହି କ୍ରମରେ କୋଲକାତା ମହାନଗର ନିଗମର ଟିଏମସି କାଉନସିଲର ତଥା ମେୟର ପରିଷଦର ସଦସ୍ୟ ତାରକ ସିଂହ ସିଧାସଳଖ ଦଳର ସର୍ବୋଚ୍ଚ ନେତୃତ୍ୱ ବଦଳାଇବାକୁ ଦାବି କରି ଦଳ ମଧ୍ୟରେ ଚାଲିଥିବା ଅସ୍ଥିରତାକୁ ଆହୁରି ବଢ଼ାଇ ଦେଇଛନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ଯେତେବେଳେ ତାରକ ସିଂହଙ୍କୁ ପଚରାଗଲା ଯେ ସେ କ’ଣ ଦଳର ଶୀର୍ଷ ନେତୃତ୍ୱ ବଦଳାଇବାକୁ ଚାହୁଁଛନ୍ତି ? ଏହାର ଉତ୍ତରରେ ସେ ସ୍ପଷ୍ଟ ଭାବେ କହିଛନ୍ତି, ଆମେ ତାଙ୍କୁ ବଦଳାଇବାକୁ ଚାହୁଁଛୁ ଯିଏ ଦଳକୁ ଚଲାଉଛନ୍ତି। ଯେତେବେଳେ ପ୍ରଶ୍ନ ହେଲା ଯେ ଆପଣଙ୍କ ଇଶାରା କ’ଣ ମମତା ବାନାର୍ଜୀଙ୍କ ଆଡ଼କୁ ? ସେ ଅତି ସ୍ପଷ୍ଟ ଭାବେ କହିଥିଲେ, ହଁ, ବିଲକୁଲ୍, ଆମେ ତାଙ୍କୁ ହିଁ



ବଦଳାଇବାକୁ ଚାହୁଁଛୁ । ସେ ଏତିକିରେ ଅଟକି ନଥିଲେ, ବରଂ ପରିବାରବାଦ ଉପରେ ପ୍ରହାର କରି କହିଛନ୍ତି, ତୃଣମୂଳ କଂଗ୍ରେସ କାହାର ପୈତୃକ ସମ୍ପତ୍ତି ନୁହେଁ । ଆମେ ନେତୃତ୍ୱରେ ପରିବର୍ତ୍ତନ ଚାହୁଁଛୁ ଏବଂ ମୁଁ ଏହା ଖୋଲାଖୋଲି ଭାବେ କହୁଛି । ତାରକ ସିଂହ ବିନା ନାମ ନେଇ ମମତା ବାନାର୍ଜୀଙ୍କ ପୁତୁରା ତଥା ଦଳର ଦ୍ୱିତୀୟ ସର୍ବୋଚ୍ଚ ନେତା ଅଭିଷେକ ବାନାର୍ଜୀଙ୍କ ଉପରେ ମଧ୍ୟ ଗୁରୁତର ଆରୋପ ଲଗାଇଛନ୍ତି । ସେ କହିଛନ୍ତି, ଯଦି ମୋ ପୁଅ ଅପରାଧୀ ହୁଏ, ତେବେ ମୁଁ କେବେ ହେଲେ ଶାସନ ଗାଦିରେ ବସିବି ନାହିଁ କି ରାଜ କରିବି ନାହିଁ । ଅନ୍ୟପଟେ ଟିଏମସି ନେତା ବିଶ୍ୱଜିତ୍ ଦେବ ମଧ୍ୟ ନିର୍ବାଚନରେ ପରାଜୟ ଏବଂ ବ୍ୟାପକ ଦୁର୍ନୀତି ମାମଲାକୁ ନେଇ ସିଧାସଳଖ ମମତା ଓ ଅଭିଷେକଙ୍କୁ ଟାର୍ଗେଟ୍ କରିଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ମମତା ଏବଂ ଅଭିଷେକଙ୍କ ଅଜାଣତରେ ଦଳର ନେତାମାନେ ଏତେ ବଡ଼ ସ୍ତରର ଦୁର୍ନୀତି କରିବା କଦାପି ସମ୍ଭବ ନୁହେଁ । ପରାଜୟ ପରେ ଦଳୀୟ କର୍ମକର୍ତ୍ତା ଓ ନେତାଙ୍କ ମଧ୍ୟରେ ଥିବା କ୍ରୋଧ ଏବେ ଇସ୍ତଫା ଆକାରରେ ବାହାରକୁ ଆସୁଛି । ବୁଧବାର ଦିନ ଟିଏମସି କାଉନସିଲର ସୁଶାନ୍ତ ଘୋଷ ବରୋ ଚେୟାରମ୍ୟାନ ପଦରୁ ଇସ୍ତଫା ଦେଇଛନ୍ତି । ସେ କହିଛନ୍ତି, ମୁଁ ତୃଣମୂଳ କଂଗ୍ରେସ ଉପରେ ସମ୍ପୂର୍ଣ୍ଣ ନିରାଶ । ମନେହେଉଛି ଦଳ ନିଜର ଦିଗ ହରାଇ ବସିଛି । ସେହିଦିନ ହିଁ ଅନ୍ୟ ଜଣେ ନେତା ଅରୂପ ଚକ୍ରବର୍ତ୍ତୀ ମ୍ୟୁନିସିପାଲ ଆକାଉଣ୍ଟସ୍ କମିଟି ସଦସ୍ୟ ପଦରୁ ଇସ୍ତଫା ଦେଇ କ୍ଷୋଭ ପ୍ରକାଶ କରିଛନ୍ତି, ଦଳର ନେତୃତ୍ୱ କେଉଁଠି ଅଛି ? ମମତା ବାନାର୍ଜୀ ପୂର୍ବରୁ ଯେଉଁଭଳି ନେତୃତ୍ୱ ଦେଉଥିଲେ, ତାହା ଏବେ ଆଉ ଦେଖିବାକୁ ମିଳୁନାହିଁ । ପ୍ରକାଶ ଥାଉ କି, ପ୍ରଖ୍ୟାତ ନେତା ତଥା ପ୍ରକାଶକ ଶାନ୍ତନୁ ସେନ ମଧ୍ୟ ନିଜକୁ ବାଗୀ ବା ବିଦ୍ରୋହୀ ତାଲିକାରେ ସାମିଲ କରି ଦଳର ରାଷ୍ଟ୍ରୀୟ ପ୍ରବକ୍ତା ପଦରୁ ଇସ୍ତଫା ଦେଇଛନ୍ତି । ସେ କହିଛନ୍ତି, ବେଙ୍ଗଲର ଜନସାଧାରଣ ନିର୍ବାଚନ ଫଳାଫଳ ଜରିଆରେ ସ୍ପଷ୍ଟ କରିଦେଇଛନ୍ତି ଯେ ଚାକିରି ଦୁର୍ନୀତି, ଆର.ଜି. କର ମେଡିକାଲ ସ୍କାଣ୍ଡାଲ ଏବଂ ଅଭୟା କାଣ୍ଡ ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ଚାଲିଥିବା ଅନୈତିକ କାର୍ଯ୍ୟକଳାପ ବିରୋଧରେ ଜନତା ସେମାନଙ୍କର ରାୟ ଶୁଣାଇଛନ୍ତି ।

## ଆଜମ୍ ଖାନଙ୍କ ପୁଅଙ୍କୁ ବଡ଼ ଆଶ୍ୱସ୍ତି

# ରଦ୍ଦ ହେଲା ୭ ବର୍ଷର ଜେଲଦଣ୍ଡ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି):ସମାଜବାଦୀ ପାର୍ଟିର ନେତା ତଥା ପୂର୍ବତନ ମନ୍ତ୍ରୀ ଆଜମ ଖାନ ଓ ତାଙ୍କ ପୁଅ ଅବଦୁଲା ଆଜମ ଖାନଙ୍କ ଏବେ ଜେଲରେ ବନ୍ଦୀ ଅଛନ୍ତି । କିନ୍ତୁ ଅବ୍ଦୁଲ୍ଲାଙ୍କ ପାଇଁ ଏବେ ଏକ ଭଲ ଖବର ଆସିଛିୟ ଏମପି, ଏମଏଲଏ ସେସନ୍ କୋର୍ଟ ଦୁଇଟି ପାସପୋର୍ଟ ମାମଲାରେ ଦିଆଯାଇଥିବା ୭ ବର୍ଷର ସଜାକୁ ରଦ୍ଦ କରିଦେଇଛି । ଏବେ ପ୍ରଶ୍ନ ଉଠୁଛି ଯେ, ଅବ୍ଦୁଲ୍ଲା ଜେଲରୁ ବାହାରିବେ ?ଯଦିଓ ଦୁଇଟି ପାସପୋର୍ଟ ମାମଲାରେ ଅବ୍ଦୁଲ୍ଲା ଆଜମ ଖାନ କୋର୍ଟରୁ ଛାଡ଼ ପାଇଛନ୍ତି, ତଥାପି ଜେଲରୁ ବାହାରିବାର ରାସ୍ତା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । କାରଣ, କିଛି ମାମଲା ସୁପ୍ରିମ କୋର୍ଟରେ ଚାଲିଛି ଏବଂ ସେଥିରେ ଏଯାବତ ଶୁଣାଣି ଜାରି ରହିଛି । ଉଲ୍ଲେଖଯୋଗ୍ୟ ଯେ, ଦୁଇଟି ପାସପୋର୍ଟ ମାମଲାରେ ଏମପି, ଏମଏଲଏ



ମଜିଷ୍ଟ୍ରେଟ କୋର୍ଟ ୫ ଡିସେମ୍ବର ୨୦୨୫ ରେ ଅବ୍ଦୁଲ୍ଲା ଆଜମଙ୍କୁ ୭ ବର୍ଷର ସଜା ଶୁଣାଇଥିଲେ । ଏହି ରାୟ ବିରୋଧରେ ଅବ୍ଦୁଲ୍ଲା ଆଜମଙ୍କ ପକ୍ଷରୁ ଏମପି, ଏମଏଲଏ ସେସନ୍ କୋର୍ଟରେ ଅପିଲ ଦାଖଲ କରାଯାଇଥିଲା, ଯାହା ଉପରେ ଗତ ୨୫ ମଇରେ ଶୁଣାଣି ଶେଷ ହୋଇଥିଲା । ଏହି ମାମଲାରେ ଶୁକ୍ରବାର ରାୟ ଶୁଣାଇ କୋର୍ଟ ଅବ୍ଦୁଲ୍ଲା ଆଜମଙ୍କ ଅପିଲକୁ ମଞ୍ଜୁର କରିଥିଲେ ଏବଂ ପୂର୍ବରୁ ଦିଆଯାଇଥିବା ସଜାକୁ ରଦ୍ଦ କରିଦେଇଥିଲେ । ସୂଚନାଯୋଗ୍ୟ ଯେ, ବିଜେପି ବିଧାୟକ ଆକାଶ ସକ୍ସେନା ୩୦ ଜୁଲାଇ ୨୦୧୯ ରେ ରାମପୁରର ସିଭିଲ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ କରିଥିଲେ । ଅଭିଯୋଗ ଥିଲା ଯେ, ଅବ୍ଦୁଲ୍ଲା ଆଜମ ଭିନ୍ନ ଭିନ୍ନ ଜନ୍ମତାରିଖ ଦେଖାଇ ଦୁଇଟି ପାସପୋର୍ଟ ତିଆରି କରିଥିଲେ । ଗୋଟିଏ ପାସପୋର୍ଟରେ ଜନ୍ମତାରିଖ ୧ ଜାନୁଆରୀ ୧୯୯୩ ଥିବାବେଳେ, ଅନ୍ୟଟିରେ ୩୦ ସେପ୍ଟେମ୍ବର ୧୯୯୦ ଦର୍ଶାଯାଇଥିବା ଅଭିଯୋଗ ହୋଇଥିଲା । ଏହାସହ ଉଭୟ ପାସପୋର୍ଟ ବ୍ୟବହାର କରି ବିଦେଶ ଯାତ୍ରା କରିଥିବା ଅଭିଯୋଗ ମଧ୍ୟ ଲଗାଯାଇଥିଲା ।ଏହି ମାମଲା ଏମପି, ଏମଏଲଏ କୋର୍ଟରେ ବିଚାରାଧୀନ ଥିଲା।

# କକ୍ରୋଚ୍ ଜନତା ପାର୍ଟି’କୁ ଶକ୍ତ ଧକ୍କା

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ସୋସିଆଲ ମିଡିଆରେ ଦ୍ରୁତ ଜନପ୍ରିୟତା ହାସଲ କରୁଥିବା ବ୍ୟଙ୍ଗାତ୍ମକ ରାଜନୈତିକ ସଂଗଠନ ‘କକରୋଚ୍ ଜନତା ପାର୍ଟି’ (ସିଜେପି)କୁ ଆଇନଗତ ମୋର୍ଚ୍ଚାରେ ଏକ ବଡ଼ ଧକ୍କା ଲାଗିଛି । ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ‘ଏକ୍ସ’ରେ ଦଳର ସ୍ଥଗିତ ହୋଇଥିବା ଆକାଉଣ୍ଟକୁ ତୁରନ୍ତ ପୁନଃକାର୍ଯ୍ୟକ୍ଷମ କରିବା ପାଇଁ ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଦିନ ପ୍ରତ୍ୟାଖ୍ୟାନ କରିଛନ୍ତ । ଜଷ୍ଟିସ୍ ପୁରୁଷେନ୍ଦ୍ର କୁମାର କୌରବଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ପଷ୍ଟ କରିଛନ୍ତି ଯେ, ସମ୍ପୃକ୍ତ ଆକାଉଣ୍ଟରୁ ପୋଷ୍ଟ କରାଯାଇଥିବା କେତେକ ବିଷୟବସ୍ତୁ ପ୍ରାଥମିକ ଦୃଷ୍ଟିରୁ ‘ଆପତ୍ତିଜନକ’ ମନେହେଉଛି । ଏଭଳି ପରିସ୍ଥିତିରେ କୌଣସି ତୁରନ୍ତ କିମ୍ବା ଅନ୍ତରୀଣ ନିର୍ଦ୍ଦେଶ ଜାରି କରାଯାଇପାରିବ ନାହିଁ । ଅଦାଲତ କହିଛନ୍ତି ଯେ ଏହି ସମ୍ପୂର୍ଣ୍ଣ ବିବାଦର ଏକ ‘ସାମଗ୍ରିକ ସମୀକ୍ଷା’ ଆବଶ୍ୟକ ଏବଂ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କେନ୍ଦ୍ର ସରକାର ଏବଂ ‘ଏକ୍ସ’ କମ୍ପାନିର ଆନୁଷ୍ଠାନିକ ପକ୍ଷ ଶୁଣିବା ପରେ ହିଁ କୋର୍ଟ କୌଣସି ଚୂଡ଼ାନ୍ତ




ଆଦେଶ ପ୍ରଦାନ କରିବେ । ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ଓକିଲଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ସରକାରଙ୍କ ଆପତ୍ତି ଓ ଦଲିଲ୍ ଉପରେ ବିଚାର କରିବା ପୂର୍ବରୁ କୋର୍ଟ କୌଣସି ଏକତରଫା ନିଷ୍ପତ୍ତି ନେବେ ନାହିଁ । ଦେଶର ଯୁବପିଢ଼ିଙ୍କୁ ନେଇ ସୃଷ୍ଟି ହୋଇଥିବା ଏକ ବିବାଦୀୟ ବ୍ୟାଖ୍ୟାନ ପରେ ଏହି ସଂଗଠନ ଏକ ମଜାକ୍ ଭାବେ ଆରମ୍ଭ ହୋଇଥିଲା । ମାତ୍ର ଖୁବଶୀଘ୍ର ବିରୋଧୀ ଦଳ ଓ ଯୁବବର୍ଗଙ୍କ ସମର୍ଥନ ଯୋଗୁଁ ଇନଷ୍ଟାଗ୍ରାମରେ ଏହା ବିଜେପିକୁ ମଧ୍ୟ ପଛରେ ପକାଇ ଦେଇଥିଲା । ଏହି ବୃଦ୍ଧି ମଧ୍ୟରେ ସରକାରୀ ନିର୍ଦ୍ଦେଶରେ ଏହାର ‘ଏକ୍ସ’ ଆକାଉଣ୍ଟ ବ୍ଲକ୍ କରାଯାଇଥିଲା, ଯାହା ବିରୁଦ୍ଧରେ ଏବେ ଆଇନଗତ ଲଢ଼େଇ ଜାରି ରହିଛି ।

## ଫୈସଲାରେ ବିଳମ୍ବ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ୩ ମାସ ମଧ୍ୟରେ ରାୟ ଦେବାକୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ବହୁତ ହୋଇଗଲା ତାରିଖ... ପର... ତାରିଖ... । ଏବେ ମାମଲା ଶୀଘ୍ର ସାରୟ ନିଷ୍ପତ୍ତିରେ ବିଳମ୍ବ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ । ବିଭିନ୍ନ ହାଇକୋର୍ଟରେ ବିଳମ୍ବିତ ରାୟକୁ ନେଇ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ ଜଣାଇଲେ CJI ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ । ଦେଶର ସବୁ ହାଇକୋର୍ଟମାନଙ୍କୁ ସୁପ୍ରିମକୋର୍ଟଙ୍କ ଆଦେଶ । ରାୟ ସଂରକ୍ଷିତର ସର୍ବାଧିକ ୩ ମାସ ମଧ୍ୟରେ ଫୈସଲା କରିବାକୁ ନିର୍ଦ୍ଦେଶ ।ବ୍ୟକ୍ତିଗତ ସ୍ୱାଧୀନତା



ମାମଲାରେ ସମୟସୀମା ଆହୁରି କମାଇବାକୁ ନିର୍ଦ୍ଦେଶ ଦେଇଛନ୍ତିୟ । ଏଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଗାଇଡଲାଇନ୍ ଜାରି କରିଛନ୍ତି । ଏହାଦ୍ୱାରା ବହୁ ଲମ୍ବିତ ମାମଲାର ଶୀଘ୍ର ସମାଧାନ ହେବୟ ଧାରା ୧୪୨ ଅନୁଯାୟୀ ନିଜ କ୍ଷମତା ବ୍ୟବହାର କରି ନିର୍ଦ୍ଦେଶ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ଜାମିନ ଶୁଣାଣି ଉପରେ ବି କଡ଼ା ଟାଇମ୍ ଲାଇନ୍ ଜାରି କରିଛନ୍ତି । ଜାମିନ ଆବେଦନ ଶୁଣାଣି ସେହିଦିନ କିମ୍ବା ପରଦିନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜାମିନ ଶୁଣାଣିର ଆଦେଶ ତୁରନ୍ତ ଜେଲ୍ ପ୍ରଶାସନକୁ ଜଣାଇବାକୁ କହିଛନ୍ତି । ସେହିପରି ଜାମିନ ପାଇଥିବା ବିଚାରାଧୀନ କଏଦୀଙ୍କୁ ସେହି ଦିନ ମୁକ୍ତ କରାଯିବା ଉଚିତ ସମସ୍ତ ରାୟ ୨୪ ଘଣ୍ଟାରେ ହାଇକୋର୍ଟ ୱେବସାଇଟରେ ଅପଲୋଡ୍ ହେବା ଆବଶ୍ୟକ ବୋଲି କହିଛନ୍ତି । ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, କୋର୍ଟ ପ୍ରଥମେ କୋର୍ଟ ଭିତରେ ଆଦେଶର ଗରୁତ୍ୱପୂର୍ଣ୍ଣ ଅଂଶ ଘୋଷଣା କରିବେ ଏବଂ ଏହାର ବିସ୍ତୃତ ବିବରଣୀ ସାତ ଦିନ ମଧ୍ୟରେ ୱେବସାଇଟରେ ଅପଲୋଡ୍ କରାଯିବ । ଏହା ସହିତ, ନିଷ୍ପତ୍ତି ସଂରକ୍ଷିତ ଥିବା ତାରିଖ ମଧ୍ୟ ସମ୍ପୃକ୍ତ ହାଇକୋର୍ଟର ୱେବସାଇଟରେ ପ୍ରଦର୍ଶିତ ହେବ । ଝାଡ଼ଖଣ୍ଡ HCଙ୍କ ରାୟ ଓ ଅପଲୋଡ୍ରେ ବିଳମ୍ବ ନେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଯଦି ନିର୍ଦ୍ଧାରିତ ସମୟସୀମା ପାଳନ କରାନଯାଏ ତାହେଲେ ମାମଲା ଅନ୍ୟ ଏକ ପୀଠ ପାଖକୁ ଚାଲିଯିବ । ଯଦି ନିଷ୍ପତ୍ତିର କାରଣ ୩୦ ଦିନ ମଧ୍ୟରେ ୱେବସାଇଟରେ ଅପଲୋଡ୍ ନହୁଏ ତେବେ ମାମଲାକୁ ପ୍ରତ୍ୟାହାର କରାଯାଇ ଏକ ନୂତନ ଖଣ୍ଡପୀଠକୁ ପଠାଯାଇପାରିବ । ସୁପ୍ରିମକୋର୍ଟ ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ଏହି ନିର୍ଦ୍ଦେଶାବଳୀଗୁଡ଼ିକୁ ସମ୍ପୃକ୍ତ ମୁଖ୍ୟ ବିଚାରପତିଙ୍କ ସମ୍ମୁଖରେ ରଖନ୍ତୁ ଯାହାଦ୍ୱାରା ଏହା ସଫଳ ଭାବେ କାର୍ଯ୍ୟକାରୀ ହୋଇପାରିବ ।

## ନିଟ୍ ପେପର ଲିକ୍ ମାମଲା

# ଦାୟିତ୍ୱ ସ୍ଥିର ହେବା ଦରକାର:ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ନେଇ ସୁପ୍ରିମ କୋର୍ଟ ଏନଟିଏକୁ କଡା କଟାକ୍ଷ କରିଛନ୍ତି । ଏହାକୁ ନେଇ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସିକୁ ଅନେକ କଠିନ ପ୍ରଶ୍ନ ମଧ୍ୟ ପଚରାଯାଇଛି । ସୁପ୍ରିମ କୋର୍ଟ ଏନଟିଏକୁ ପଚାରିଥିଲେ ଯେ, ଏଭଳି ଗଡବଡି କିପରି ହେଲା ? ଏହି ସମୟରେ ସରକାରଙ୍କ ପକ୍ଷରୁ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ହଲଫନାମା ଦାଖଲ କରାଯାଇଛି । ଏହି ଶୁଣାଣି ସମୟରେ ସୁପ୍ରିମ କୋର୍ଟ ପକ୍ଷରୁ ଡ଼ଃ ରାଧାକୃଷ୍ଣନଙ୍କୁ ମଧ୍ୟ ପ୍ରଶ୍ନ କରାଯାଇଥିଲା, ଯାହାଙ୍କ ଅଧ୍ୟକ୍ଷତାରେ ଏକ୍ସପର୍ଟ କମିଟି ଗଠନ କରାଯାଇଥିଲା । ଶୁଣାଣି ସମୟରେ ଜଷ୍ଟିସ ନରସିମ୍ହା କହିଥିଲେ ଯେ, ଆମେ ଦେଶର ଯୁବପିଢିଙ୍କୁ ନିରାଶ କରିବା ଉଚିତ ନୁହେଁ । ଏହା ସେମାନଙ୍କ ପାଇଁ ବହୁତ ବଡ଼ ମାନସିକ ଚାପ, କାରଣ ଏହି ପରୀକ୍ଷା ପଛରେ ସେମାନଙ୍କର ବହୁତ ସମୟ ଓ ଭାବନା ଜଡିତ ଥାଏ । ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ କୁହାଯାଇଥିଲା ଯେ, ଏକ୍ସପର୍ଟ କମିଟିର ସମସ୍ତ ପରାମର୍ଶ ଓ ସୁପାରିଶକୁ ଏହି ବର୍ଷରୁ ଲାଗୁ କରାଯିବାକୁ ଥିଲା । ଏହାପରେ ସୁପ୍ରିମ କୋର୍ଟ ଏନଟିଏ ଓ ଡ଼ଃ ରାଧାକୃଷ୍ଣନଙ୍କୁ ପ୍ରଶ୍ନ କରି କହିଥିଲେ ଯେ, ଆପଣ ଆରମ୍ଭରୁ ଏହି ଏକ୍ସପର୍ଟ କମିଟିର ଅଂଶ ଥିଲେ, ତେବେ ଏହି ନିୟମଗୁଡ଼ିକୁ ଲାଗୁ କରିବା ଉପରେ କେତେ ନଜର ରଖାଯାଇଥିଲା ? ଶେଷରେ ଏଭଳି ଗଡବଡି କିପରି ହେଲା ?କୋର୍ଟ ଆହୁରି କହିଥିଲେ ଯେ, ହାଇ-ପାୱାର କମିଟିର ସୁପାରିଶ ଓ ନିରୀକ୍ଷଣ ସତ୍ତ୍ୱେ ଯଦି ଏଭଳି ଘଟଣା ଘଟିଛି, ତାହାହେଲେ ଏହାର ଅର୍ଥ ହେଉଛି ସୁପାରିଶରେ କିଛି ଅଭାବ ଥିଲା କିମ୍ବା ତାହାର ଠିକ୍ ଭାବେ ନିରୀକ୍ଷଣ କରାଯାଇନଥିଲା । ଏହି ମାମଲାରେ ଜଷ୍ଟିସ ନରସିମ୍ହା କହିଥିଲେ ଯେ, ସମ୍ବନ୍ଧିତ ମନ୍ତ୍ରାଳୟ ଏକ ହଲଫନାମା ଦାଖଲ କରିବ । ଏଥିରେ ଆଗାମୀଦିନରେ ପରୀକ୍ଷା କିପରି ଏବଂ କେଉଁ ପ୍ରକ୍ରିୟାରେ କରାଯିବ, ସେଥିସ୍ପଷ୍ଟ କରାଯିବ ।



# ଆଇଆଇଟି ଭୁବନେଶ୍ୱର ପକ୍ଷରୁ 'ବୈଦ୍ୟୁତିକ ଯାନ ପ୍ରଯୁକ୍ତିବିଦ୍ୟା' କ୍ଷେତ୍ରରେ ବ୍ଲେଣ୍ଡେଡ ମୋଡ୍ ଏମ.ଟେକ୍ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୨୯।୫ (ନି.ପ୍ର)** : ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ଏକ ଅଗ୍ରଣୀ ସ୍ୱଚ୍ଛ ଶକ୍ତି-କେନ୍ଦ୍ରିତ ଶିକ୍ଷା ଏବଂ ଦକ୍ଷତା ପ୍ଲାଟଫର୍ମ, ଇଭିଆକାଡ଼ (evACAD) ସହିତ ରଣନୈତିକ ସହଯୋଗରେ ବିକଶିତ ବୈଦ୍ୟୁତିକ ଯାନ (ଇଭି) ପ୍ରଯୁକ୍ତିବିଦ୍ୟାରେ ବ୍ଲେଣ୍ଡେଡ-ମୋଡ୍ ଏମ.ଟେକ୍ କାର୍ଯ୍ୟକ୍ରମ ଆରମ୍ଭ କରିବାର ଘୋଷଣା କରିଛି । ବୃତ୍ତିଗତମାନଙ୍କୁ ସେମାନଙ୍କ କ୍ୟାରିଅର ଜାରି ରଖିବା ସହିତ ଇଭି ସିଷ୍ଟମ, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା, ଚାର୍ଜିଂ ଭିତ୍ତିଭୂମି ଏବଂ ଯାନବାହନ ସମନ୍ୱୟରେ ଉନ୍ନତ ବିଶେଷଜ୍ଞତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଇଭି ପ୍ରଯୁକ୍ତିବିଦ୍ୟାରେ ଏହି ବ୍ଲେଣ୍ଡେଡ ମୋଡ଼ ଏମ.ଟେକ୍ ଡିଜାଇନ୍ କରାଯାଇଛି । ଅଟୋମୋଟିଭ୍ ଶିଳ୍ପରେ ଇଭି କ୍ଷେତ୍ରରେ ଆଗ୍ରହୀ ଦକ୍ଷ ବୃତ୍ତିଗତଙ୍କ ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ନମନୀୟ ମିଶ୍ରିତ-ମୋଡ୍ ଗଠନ କ୍ୟାମ୍ପସରେ ନିମଜ୍ଜନ ସହିତ ଅନଲାଇନ୍ ଶିକ୍ଷାକୁ ସମନ୍ୱିତ କରେ, ଯାହା ବୃତ୍ତିଗତମାନଙ୍କୁ ସେମାନଙ୍କର କ୍ୟାରିଅର ଜାରି ରଖିବା ସହିତ ଉଚ୍ଚ ଶିକ୍ଷା ଗ୍ରହଣ କରିବାକୁ ସକ୍ଷମ କରିଥାଏ । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ




ପ୍ରବେଶ ପାଇଁ ଗେଟ (GATE) ଯୋଗ୍ୟତା ଆବଶ୍ୟକ ନାହିଁ, ଶିକ୍ଷାଗତ ପୃଷ୍ଠଭୂମି ଏବଂ ବୃତ୍ତିଗତ ଅଭିଜ୍ଞତା ଆଧାରରେ ଚୟନର ବ୍ୟବସ୍ଥା ରହିଛି । ଯାନବାହାନ ଡିଜାଇନ୍, ପାୱାରଟ୍ରେନ୍ ବିକାଶ, ଇଭିରେ ନିୟନ୍ତ୍ରଣ ଦିଗ, ବ୍ୟାଟେରୀ ଡିଜାଇନ୍, ରକ୍ଷଣାବେକ୍ଷଣ ଏବଂ ନିଦାନ, ଚାର୍ଜିଂ ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ଇତ୍ୟାଦି ଇଭିର ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଜ୍ଞାନ ପ୍ରଦାନ କରିବା ପାଇଁ ମଲ୍ଟି-ଡିସିପ୍ଲିନାରୀ ପାଠ୍ୟକ୍ରମ ଡିଜାଇନ୍ କରାଯାଇଛି ।

ଏହି କାର୍ଯ୍ୟକ୍ରମ ଆଇଆଇଟି ଭୁବନେଶ୍ୱରର ମୂଳ ବିଜ୍ଞାନକୁ ବାସ୍ତବ-ବିଶ୍ୱ ପ୍ରଭାବ ସହିତ ମିଶ୍ରଣ କରିବା ଉପରେ ଗୁରୁତ୍ୱକୁ ପ୍ରତିଫଳିତ କରେ, ଏବଂ ଶିଳ୍ପ-ମୁଖୀ ଶିକ୍ଷା ପଦ୍ଧତି ସହିତ ଇଲେକ୍ଟ୍ରିକ୍ ଯାନ କ୍ଷେତ୍ରରେ ଦକ୍ଷ କର୍ମଚାରୀଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରେ । ଏହି କାର୍ଯ୍ୟକ୍ରମ ୨୪ ଜୁଲାଇ ୨୦୧୬ ରୁ ଆରମ୍ଭ ହେବାକୁ ଯାଉଛି, ଏହି ଅଭିନବ ଏବଂ ନମନୀୟ ଶିକ୍ଷା ମଡେଲ ମାଧ୍ୟମରେ ଇଭି କ୍ଷେତ୍ରରେ ନିଜର କ୍ୟାରିଅରକୁ ଆଗକୁ ବଢ଼ାଇବାକୁ ଇଚ୍ଛୁକ ଶିଳ୍ପ ଏବଂ ସମ୍ବନ୍ଧିତ କ୍ଷେତ୍ରର ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ଆବେଦନପତ୍ର ଖୋଲା ଅଛି ।

# ଟୟୋଟା କିର୍ଲୋସ୍କର ମୋଟର ବିଜଇନଟେଲ ହବ୍ ପାଇଁ ଏମଓୟୁ

**ଭୁବନେଶ୍ୱର, ୨୯।୫ (ନି.ପ୍ର)** : ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ) ଆଜି ବାଙ୍ଗାଲୋରର କ୍ୱିନ ସିଟିରେ 'ଟିକେଏମ ବିଜଇନଟେଲ ହବ୍'ର ସ୍ଥାପନ ନିମନ୍ତେ କର୍ଣ୍ଣାଟକ ସରକାରଙ୍କ ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି । ଏହି ପଦକ୍ଷେପ ଇନିୟରିଂ କ୍ଷମତା ଏବଂ ଡିଜିଟାଲ୍ ଉଦ୍ଭାବନକୁ ସୁଦୃଢ଼ କରିବା ପାଇଁ ଏକ ମଜବୁତ ସହଭାଗିତା ଏବଂ ଏକ ମିଳିତ ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି । କର୍ଣ୍ଣାଟକର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା, ରାଜ୍ୟ ସରକାରଙ୍କ ବୃହତ ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ଡକ୍ଟର ଏମ୍.ବି. ପାଟିଲ ଓ ଅନ୍ୟାନ୍ୟ ବରିଷ୍ଠ ମନ୍ତ୍ରୀଙ୍କ ସମେତ ଟୟୋଟା କିର୍ଲୋସ୍କର ମୋଟରର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ୩୦୦ ଏକର ଜମିରେ ପରିବ୍ୟାପ୍ତ ଏହି ପ୍ରସ୍ତାବିତ ଟିକେଏମ ବିଜିନ୍‌ଟେଲ ହବ୍ ସମଗ୍ର ଯାତାୟାତ ସମାଧାନଗୁଡ଼ିକର ପରୀକ୍ଷଣ ଓ ମୂଲ୍ୟାୟନ, ସମସ୍ତ



ବ୍ୟବସାୟିକ ପରିଚାଳନାରେ ଡିଜିଟାଲ ରୂପାନ୍ତରଣ ଏବଂ ଇଂଟେଲିଜେଂଟ ମାନୁଫ୍ୟାକ୍‌ଚରିଂ ପଦକ୍ଷେପର କାର୍ଯ୍ୟକାରିତା ସମେତ ସମଗ୍ର ମୂଲ୍ୟ ଶୃଙ୍ଖଳାର ସାମଗ୍ରିକ ପ୍ରତିଯୋଗିତାମୂଳକ ସ୍ଥିତିକୁ ଉନ୍ନତ କରିବା ପାଇଁ ଏକାଧିକ ରଣନୈତିକ ଲକ୍ଷ୍ୟକୁ ଅନୁସରଣ କରିବ ।

ଏହି ଅବସରରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଶ୍ରୀ ସିଦ୍ଧରମୈୟା କହିଛନ୍ତି, 'କର୍ଣ୍ଣାଟକର ଅଭିବୃଦ୍ଧି ଯାତ୍ରାରେ ଟୟୋଟା କିର୍ଲୋସ୍କର ମୋଟର ଏକ ବିଶ୍ୱସ୍ତ ଦୀର୍ଘକାଳୀନ ସହଯୋଗୀ ରହିଆସିଛି । ଏହି ଏମଓୟୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି କାରଣ ଆମେ ଟେକ୍ନୋଲୋଜି-ଆଧାରିତ ନିବେଶକୁ ଆହୁରି ଗଭୀର କରିବା, ଗୁଣାତ୍ମକ ନିଯୁକ୍ତି ସୃଷ୍ଟି କରିବା ଏବଂ ସ୍ଥାୟୀ ଶିଳ୍ପ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରୁଛୁ । ଏହି ସହଭାଗୀତା ଏକ ବିଶ୍ୱସ୍ତରୀୟ ନିବେଶ ଗ'ବ୍ୟସ୍ଥଳ ଭାବରେ କର୍ଣ୍ଣାଟକର ନେତୃତ୍ୱ ଏବଂ ଉଦ୍ଭାବନ-ଚାଳିତ ଅଭିବୃଦ୍ଧି ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ।' ଟୟୋଟା କିର୍ଲୋସ୍କର ମୋଟରର ଅଧ୍ୟକ୍ଷ, ଏମ୍‌ଡି ଓ ସିଇଓ ଶ୍ରୀ ମାସାକାଜୁ ୟୋଶିମୁରା କହିଛନ୍ତି, 'ବିଗତ ବର୍ଷଗୁଡ଼ିକରେ ଆମ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କର୍ଣ୍ଣାଟକ ସରକାରଙ୍କ ନିରନ୍ତର ସମର୍ଥନ ଏବଂ ସହଯୋଗ ପାଇଁ ଆମେ କୃତଜ୍ଞ । ଟୟୋଟା ପାଇଁ ଭାରତ ସର୍ବଦା ଉଦ୍ଭାବନ ଏବଂ ସ୍ଥାୟୀ ଯାତାୟାତ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବା ପାଇଁ ଏକ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ବଜାର ରହିଆସିଛି । ଟିକେଏମ ବିଜଇନଟେଲ ହବ୍ ସମଗ୍ର ଯୋଗାଣ ଶୃଙ୍ଖଳା ବ୍ୟବସାୟରେ ପରୀକ୍ଷଣ ଏବଂ ମୂଲ୍ୟାଙ୍କନ ଗତିବିଧି, ଡିଜିଟାଲ ରୂପାନ୍ତରଣ କ୍ଷେତ୍ରରେ ଅଗ୍ରଗତି ଓ ସମଗ୍ର ଯୋଗାଣ ଶୃଙ୍ଖଳା ବ୍ୟବସାୟରେ ବୁଦ୍ଧିମାନ ଉତ୍ପାଦନ ଏବଂ ଦକ୍ଷ ପ୍ରତିଭାଙ୍କ ସହ ଭାରତର ମଜବୁତ ସୂଚନା ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମର ଉପଯୋଗକୁ ସମର୍ଥନ କରିବ ।'

ଏହି ସହଭାଗୀତା ମାଧ୍ୟମରେ ଟୟୋଟା କିର୍ଲୋସ୍କର ମୋଟର ଏବଂ କର୍ଣ୍ଣାଟକ ସରକାର, ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ଓ ଉଦ୍ଭାବନ-ଭିତ୍ତିକ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରିବା ସହିତ ରଣନୈତିକ ଟେକ୍ନୋଲୋଜି ନିବେଶ ଏବଂ ଭବିଷ୍ୟତ ପ୍ରସ୍ତୁତ ପ୍ରତିଭାଙ୍କ ପାଇଁ ଏକ ଅଗ୍ରଣୀ ଗନ୍ତବ୍ୟସ୍ଥଳ ଭାବରେ ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଟିକେଏମ ବିଜଇନଟେଲ ହବ୍ ପାଇଁ ପ୍ରସ୍ତାବିତ ସ୍ଥାନ ହେଉଛି ଡୋଡାବଲ୍ଲାପୁର-ଦେବାସପେଟ ରାଜପଥ ନିକଟରେ ଅବସ୍ଥିତ କ୍ୱିନ (କେଡବ୍ଲ୍ୟୁଆଇଏନ) ସିଟି । ଏହା କର୍ଣ୍ଣାଟକ ସରକାରଙ୍କ ଦ୍ୱାରା ବିକଶିତ ଏକ ସମନ୍ୱିତ ସ୍ମାର୍ଟ ସିଟି ପଦକ୍ଷେପ ଯାହା ଉଦ୍ଭାବନ, ସ୍ୱାସ୍ଥ୍ୟସେବା ଓ ସୂଚନା ପ୍ରଯୁକ୍ତିବିଦ୍ୟା ଉପରେ ଗୁରୁତ୍ୱ ଦେଇଥାଏ ।

# ରିଲାଏନ୍ସ ସରକାରୀ ରାଜକୋଷକୁ ୨.୧୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛି

**ମୁମ୍ବାଇ, ୨୯।୫ (ନି.ପ୍ର):** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ୨୦୨୫-୨୬ ଆର୍ଥିକ ବର୍ଷରେ ସରକାରୀ ରାଜକୋଷକୁ ୨,୧୬,୪୭୨ କୋଟି ଟଙ୍କା ପ୍ରଦାନ କରିଛି । ଏଥିରେ ଟିକସ, ଶୁଳ୍କ, ଲେଭି ଏବଂ ସରକାରଙ୍କୁ କରାଯାଇଥିବା ଅନ୍ୟାନ୍ୟ ଦେୟ ଅ'ର୍ଭୁକ୍ତ । ୨୦୨୪-୨୫ ଆର୍ଥିକ ବର୍ଷରେ, ଏହି ଯୋଗଦାନ ୨,୧୦,୨୬୯ କୋଟି ଟଙ୍କା ରହିଥିଲା । ବିଶ୍ୱସ୍ତରରେ ଆର୍ଥିକ ଅନିଶ୍ଚିତତାର ସମୟ ମଧ୍ୟରେ, ସରକାରୀ ରାଜକୋଷକୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଶ ପାଇଁ କମ୍ପାନୀର ଆର୍ଥିକ ଭୂମିକାକୁ ପ୍ରତିଫଳିତ କରୁଛି । କମ୍ପାନୀ ସୂଚନା ଅନୁଯାୟୀ, ଗତ ୧୦ ବର୍ଷ ମଧ୍ୟରେ ଜାତୀୟ ରାଜକୋଷକୁ ରିଲାଏନ୍ସର ମୋଟ ଯୋଗଦାନ ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି । ଆର୍ଥିକ ବର୍ଷ ୨୦୨୫-୨୬ରେ, ରିଲାଏନ୍ସ ମୋଟ ୪,୬୩,୪୪୮ କୋଟି ଟଙ୍କାର ମୂଲ୍ୟ ସୃଷ୍ଟି କରିଥିଲା, ଯାହା ମଧ୍ୟରୁ ସର୍ବାଧିକ ଅଂଶ ସରକାରଙ୍କୁ ଯାଇଥିଲା । କମ୍ପାନୀ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରତ୍ୟେକ ୧୦୦ ଟଙ୍କା ମୂଲ୍ୟରୁ ପ୍ରାୟ ୪୭ ଟଙ୍କା ସରକାରୀ ରାଜକୋଷକୁ




ଯାଇଛି । ଏହି ସମୟ ମଧ୍ୟରେ, କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପ ଉପରେ ରିଲାଏନ୍ସର ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଇଛି । ଆର୍ଥିକ ବର୍ଷ ୨୦୨୫-୨୬ରେ, କମ୍ପାନୀ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ଉପରେ ୨,୨୪୮ କୋଟି ଟଙ୍କା ଖର୍ଚ୍ଚ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଥିବା ୨,୧୫୬ କୋଟି ଟଙ୍କା ତୁଳନାରେ ୪.୩ ପ୍ରତିଶତ ଅଧିକ ରହିଛି । କୋଭିଡ-୧୯ ଆରମ୍ଭ ହେବା ପରଠାରୁ, ରିଲାଏନ୍ସର ମୋଟ ସିଏସଆର ବ୍ୟୟ ୯,୫୦୦ କୋଟି ଟଙ୍କା ଅତିକ୍ରମ କରିଛି । ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ଗ୍ରହଣ କରାଯାଇଥିବା ସାମାଜିକ ଉନ୍ନତିମୂଳକ ପଦକ୍ଷେପ ଆଜି ପର୍ଯ୍ୟନ୍ତ ସାରା ଦେଶରେ ୯.୭ କୋଟିରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି । ଏହି ପ୍ରୟାସଗୁଡ଼ିକ ଗ୍ରାମୀଣ ବିକାଶ ଓ ପରିବର୍ତ୍ତନ, ଶିକ୍ଷା, ସ୍ୱାସ୍ଥ୍ୟସେବା, କ୍ରୀଡ଼ା, ମହିଳା ସଶକ୍ତିକରଣ, ପଶୁ କଲ୍ୟାଣ ଏବଂ ପରିବେଶ ଭଳି କ୍ଷେତ୍ର ଉପରେ କେନ୍ଦ୍ରିତ ହୋଇଛି । କମ୍ପାନୀ ଅନୁଯାୟୀ, ରିଲାଏନ୍ସ ଫାଉଣ୍ଡେସନ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଅଧୀନରେ, ବାର୍ଷିକ ୫,୧୦୦ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସମୟରେ, ଗ୍ରାମୀଣ ପରିବର୍ତ୍ତନ କାର୍ଯ୍ୟକ୍ରମରେ କୃଷକଙ୍କ ଆୟ ଏବଂ କୃଷି ଉତ୍ପାଦନରେ ଉନ୍ନତି ରେକର୍ଡ କରାଯାଇଛି । ଆଗାମୀ ବର୍ଷଗୁଡ଼ିକରେ, ରିଲାଏନ୍ସ ଫାଉଣ୍ଡେସନ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ଗ୍ରାମୀଣ ଜୀବିକା ସମ୍ବନ୍ଧୀୟ ପଦକ୍ଷେପଗୁଡ଼ିକୁ ଆହୁରି ବିସ୍ତାର କରିବା ଉପରେ ଧ୍ୟାନ ଦେଉଛି ।

# ଆଠ କେଜି ଗଞ୍ଜେଇ ସହିତ ଆସାମୀ ଗିରଫ : ବାଇକ ଜବତ

**ଆଠମଲ୍ଲିକ, ୨୯।୫ (ନି.ପ୍ର):** ବାଇକ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଗଞ୍ଜେଇ ଚାଲାଣ କାରି କୁ ଅବକାରୀ ବିଭାଗ ଗିରଫ କରିବା ସହିତ ଚାଲାଣ ଗଞ୍ଜେଇ କୁ ଜବତ କରା ଯାଇଛି । ଖବର ଅନୁଯାଇ ଛେଣ୍ଡିପଦା ଅଞ୍ଚଳ ର ଟୁନା ସାହୁ ଏକ ହୋଣ୍ଡା ୟୁନିକର୍ ବାଇକ ଯୋଗେ ଆଠ କେଜି ଗଞ୍ଜେଇ ସିଟ ଭିତରେ ଭରି ଛେଣ୍ଡି ପଦା



ନେଇଥିବା ବେଳେ ଆଠମଲ୍ଲିକ ଅବକାରୀ ବିଭାଗ କୌଣସି ସୂତ୍ର ରୁ ଖବର ପାଇ ନିକଟସ୍ଥ ଖେଳ ପଡିଆ ନିକଟରେ ଚାଲାଣକାରି କୁ ବାଇକ ସହିତ କାବୁକାରି ନେଇଥିଲେ । ଜବତ ଗଞ୍ଜେଇ ର ଓଜନ ଆଠ କେଜି ବୋଲି ଜଣା ପଡିଛି । ଅଭିଯୁକ୍ତ ର ବେଲ ନାମଞ୍ଜୁର ହେବାରୁ ଜେଲ ହାଜତ କୁ ପଠେଇ ଦିଆ ଯାଇଛି । ଜବତ ସମୟ ରେ ସବଇନିସ ପେକ୍ଟର ମାଧବେଶ ମାରାଣ୍ଡି, ଏ ଏସ ଆଇ ସୁରେନ୍ଦ୍ର ପ୍ରଧାନ, ସଂଗ୍ରାମ କେଶରୀ ଦେହୁରୀ, ରୁପାଲୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆମାଜନ ଫ୍ୟାଶନ ପକ୍ଷରୁ ୱାର୍ଡରୋବ ରିଫ୍ରେଶ ସେଲ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, ୨୯।୫ (ନି.ପ୍ର)** : ଆମାଜନ ଫ୍ୟାଶନ ପକ୍ଷରୁ ଆଜି ଏହାର ବହୁପ୍ରତିକ୍ଷୀତ ୱାର୍ଡରୋବ ରିଫ୍ରେଶ ସେଲ (ଡବ୍ଲ୍ୟୁଆରଏସ)ର ୧୮ତମ ସଂସ୍କରଣର ଘୋଷଣା କରାଯାଇଛି ଯାହା ମେ' ୨୮ରୁ ଜୁନ ୨ ତାରିଖ ୨୦୨୬ ପର୍ଯ୍ୟ' ଚାଲିବ । ଏହି ସେଲ୍ ସମୟରେ ଗ୍ରାହକମାନେ ରନ୍, ଲିବାସ, ପ୍ୟୁମା, ମେବିଲାଇନ, ଆମେରିକାନ ଟୁରିଷ୍ଟର, ଫିଲିପ୍ସ ଭଳି ୧୫୦୦ରୁ ଅଧିକ ଶୀର୍ଷ ବ୍ରାଣ୍ଡର ୪ ଲକ୍ଷରୁ ଅଧିକ ଷ୍ଟାଇଲକୁ ଅନ୍ୱେଷଣ କରିପାରିବେ ଏବଂ ପୋଷାକ, ବିୟୁଟି, ଫୁଟୱେୟାର, ୱାଚ, ଲଗେଜ, ହ୍ୟାଣ୍ଡବ୍ୟାଗ ଓ ଆକ୍ସେସରି ଆଦି ବର୍ଗରେ ୫୦-୮୦% ପର୍ଯ୍ୟନ୍ତ ରିହାତି ପାଇପାରିବେ । ୱାର୍ଡରୋବ ରିଫ୍ରେଶ ସେଲର ଏହି ସଂସ୍କରଣ ଦୈନନ୍ଦିନ ସାମଗ୍ରୀ ଓ ଫ୍ୟାଶନ ପିକ୍ ଉପରେ ଆକର୍ଷଣୀୟ ରିହାତି ସହ ଟ୍ରେଣ୍ଡ-ଆଧାରିତ ଷ୍ଟାଇଲଗୁଡିକୁ ଏକାଠି କରିଛି । ଏହି ସେଲ ସମୟରେ ପ୍ରାଇମ ସଦସ୍ୟମାନେ ଆମାଜନ ପେ' ସହିତ ଅତିରିକ୍ତ ୧୫% କ୍ୟାଶବ୍ୟାକ ଓ ପ୍ରାଇମ କୁପନ ଉପରେ ୧୦% ପର୍ଯ୍ୟନ୍ତ ଅତିରିକ୍ତ ରିହାତି ପାଇପାରିବେ । ଗ୍ରାହକମାନେ ଏଚଡିଏଫସି କ୍ରେଡିଟ କାର୍ଡ ଟ୍ରାନ୍ସକ୍ସନ ଉପରେ ସର୍ବନିମ୍ନ ୩୦୦୦ ଟଙ୍କାର କ୍ରୟରେ ୭୫୦ ଟଙ୍କା ପର୍ଯ୍ୟନ୍ତ ୧୦%ର ଏକ ତତ୍କାଳ ରିହାତି ପାଇବେ ।

ଡବ୍ଲ୍ୟୁଆରଏସରେ ଫ୍ୟାଶନ, ବିୟୁଟି, ଲଗେଜ ଓ ଆକ୍ସେସରି କ୍ଷେତ୍ରରେ ଶୀର୍ଷ ବ୍ରାଣ୍ଡ ଉପରେ ସର୍ବନିମ୍ନ ୬୦% ଓ ସର୍ବବୃହତ ସଂଚୟ ସହ ଆକର୍ଷଣୀୟ ଡିଲ ଉପଲବ୍ଧ ହେଉଛି । ଫ୍ୟାଶନ ଅନ୍ୱେଷଣକୁ ଅଧିକ ସହଜ କରିବା ପାଇଁ ଆମାଜନ ଫ୍ୟାଶନ ପକ୍ଷରୁ ଏଆଇ-ପରିଚାଳିତ ଡିସ୍କଭରୀ ଟୁଲ ପ୍ରଦାନ କରାଯାଉଛି ଯାହା ଗ୍ରାହକଙ୍କୁ ଟ୍ରେଣ୍ଡ ଓ ଷ୍ଟାଇଲଗୁଡ଼ିକୁ ଅନ୍ୱେଷଣ କରିବା ଓ ସମ୍ପୂର୍ଣ୍ଣ ଲୁକ୍ ସହଜରେ ପାଇବାରେ ସାହାଯ୍ୟ କରିଥାଏ । ଆମାଜନର ଏଆଇ ସପିଙ୍ଗ ଆସିଷ୍ଟାଂଟ ରୁଫସ୍ ସହ ଫ୍ୟାଶନ ବର୍ଗରେ ସ୍ୱତନ୍ତ୍ର ଉତ୍ପାଦ ଓ ବ୍ୟକ୍ତିଗତ ପରାମର୍ଶ ପାଇପାରିବେ । ଏହାଛଡା ଆମାଜନ ଲେନ୍ସ ଏଆଇ ଦ୍ୱାରା ଗ୍ରାହକ ଏକ ଆଉଟଫିଟ କିମ୍ବା ଫ୍ୟାଶନ ସାମଗ୍ରୀର ଫଟୋ ଅପଲୋଡ କିମ୍ବା କ୍ଲିକ କରିପାରିବେ ଏବଂ ଆମାଜନରେ ଉପଲବ୍ଧ ସମାନ ଷ୍ଟାଇଲଗୁଡିକୁ ତତ୍କାଳ ଅନ୍ୱେଷଣ କରିପାରିବେ । 'ୱେୟାର ଇଟ ୱିଥ୍' ଫିଚର ଗ୍ରାହକଙ୍କୁ ପୋଷାକକୁ ଶୀର୍ଷ ବ୍ରାଣ୍ଡର ଫୁଟୱେୟାର, ବ୍ୟାଗ୍, ୱାଚ ଓ ବିୟୁଟି ପ୍ରଡକ୍ଟଗୁଡିକ ସହ ପେୟାର କରି ଏକ ସମ୍ପୂର୍ଣ୍ଣ ହେଡ-ଟୁ-ଟୋ ଲୁକ୍ ପ୍ରସ୍ତୁତ କରିବା ପାଇଁ ସକ୍ଷମ କରିଥାଏ । ସେହିପରି ଚଳିତ ବର୍ଷ ଜୁଲାଇରେ ଆମାଜନ ପ୍ରାଇମ ଡେ' ଏହାର ୧୦ମ ସଂସ୍କରଣ ପାଇଁ ଭାରତକୁ ପ୍ରତ୍ୟାବର୍ତନ କରୁଛି ଏବଂ ପ୍ରାଇମ ସଦସ୍ୟମାନେ ଉନ୍ନତ ଡିଲ, ବୃହତ ସଂଚୟ ଓ ଉତ୍ସାହଜନକ ନୂଆ ଲଂଚ୍‌କୁ ଅପେକ୍ଷା କରିପାରିବେ ।

# ଏସକେଏଫ ପକ୍ଷରୁ ବିଶ୍ୱ ଏଆଇ ଆଧାରିତ ବ୍ୟବସାୟରୂପାନ୍ତରଣ ଚୁକ୍ତି ଟିସିଏସକୁ ପ୍ରଦାନ

**ଭୁବନେଶ୍ୱର, ୨୯।୫ (ନି.ପ୍ର):** ବିଶ୍ୱସ୍ତରୀୟ ପରିଚାଳନାର ରୂପାନ୍ତରଣ ପାଇଁ ଟାଟା କନସଲଟାନ୍ସି ସର୍ଭିସେସ (ଟିସିଏସ) ପକ୍ଷରୁ ଏସକେଏଫ ସହ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରାଯାଇଛି । ଏହି ସହଯୋଗିତା ଜରିଆରେ ଶିଳ୍ପ ମାନୁଫାକଚରିଂ ବ୍ୟବସାୟକୁ ବଦଳାଇବା ପାଇଁ ଏଆଇକୁ ବ୍ୟବହାର କରି ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ ସଂସ୍ଥା ଗଠନ କରିବାରେ ଏସକେଏଫକୁଟିସିଏସ ସାହାଯ୍ୟ କରିବ । ଏହି ସହଯୋଗିତା ଅଧୀନରେ ଏସକେଏଫର ବିଶ୍ୱସ୍ତରୀୟ କାରବାର ପାଇଁ ଟିସିଏସ ପକ୍ଷରୁ ଆପ୍ଲିକେସନ,ଭିତ୍ତିଭୂମି, ଡାଟା, ଚୂଡ଼ାନ୍ତ ବ୍ୟବହାକାରୀ ସେବା, ନିରାପତ୍ତା ଓ ସଂଯୋଗ ଭଳିସବୁ ପ୍ରକାର ପରିଚାଳିତ ସେବା ପ୍ରଦାନ କରାଯିବ । ନିଜର ଗଭୀର ମାନୁଫାକଚରିଂ ଓ ଆଇଟି ବିଶେଷତା ସହ ଏଆଇ ଆଧାରିତ ଏଜେଂଟିକୱାର୍କଫ୍ଲୋକୁ ବ୍ୟବହାର କରି ଟିସିଏସ ପକ୍ଷରୁ ବିଶ୍ୱ ପ୍ରଯୁକ୍ତି ଦୃଶ୍ୟ ପଟ୍ଟର ଆଧୁନିକୀ କରଣ ଓ ସରଳୀକରଣ କରାଯିବ । ଏହା ପରିଚାଳନାକୁ ସଂଗଠିତ, ଡୋମେନ ଆଧାରିତ ପ୍ରଯୁକ୍ତିଙ୍ଗଟାକୁ ସଶକ୍ତ, ମୂଳ ଭିତିଭୂମିର ଆଧୁନିକୀକରଣ କରିବ ଏବଂ ପରବର୍ତ୍ତୀ ପିଢ଼ିରଏଂଟରପ୍ରାଇଜରିସୋର୍ସ ପ୍ଲାନିଂ ପ୍ଲାଟଫର୍ମର ଡିଜାଇନ ଓ ଗ୍ରହୀୟତାକୁ ତ୍ୱରାନ୍ୱିତ କରିବ । ଏସକେଏଫର ସିଇଓରିକାର୍ଡ ଗୁସ୍ତାଫସନ କହିଛନ୍ତି ଯେ, 'କମ୍ପାନି ଗୁଡ଼ିକ ନିଜର ଡିଜାଇନ, ଉତ୍ପାଦନ ଓ ସେବାରେ ଏଆଇକୁ କିଭଳି ଗଭୀର ଭାବେ ସମନ୍ୱିତ କରୁଛନ୍ତି ତାହା ଆଗାମୀ ପିଢ଼ିର ଶିଳ୍ପ ମାନୁଫାକଚରିଂକୁ ନିର୍ଦ୍ଧାରଣ କରିବ । ଟିସିଏସ ଆମର ସହଯୋଗୀଭାବେ ଆମେ କେବଳ ଆମ ପ୍ରଯୁକ୍ତିର ଆଧୁନିକୀ କରଣ କରୁନାହୁଁ, ବରଂ ଆମେ ପରିଚାଳନା ଓ ଏଆଇ ମୁଳଦୁଆ ଗଠନ କରୁଛୁ ଯାହା ସମଗ୍ର ଶିଳ୍ପରେ ସୂକ୍ଷ୍ମତା ଓ ଗ୍ରାହକ ମୂଲ୍ୟ ପାଇଁ ନୂତନ ମାନଦଣ୍ଡ ଧାର୍ଯ୍ୟକରିବ । ଶିଳ୍ପ ମାନୁଫାକଚରିଂ କେଉଁ ଦିଗରେ ଗତି କରିବ ତାହାକୁ ନେଇ ଦୁଇ କମ୍ପାନିର ରହିଥିବା ମିଳିବ ସଂକଳ୍ପ ମଧ୍ୟରେ ଏହା ହେଉଛି ଏକ ଦୀର୍ଘକାଳୀନ ପ୍ରତିବଦ୍ଧତା ।

ଟାଟାକନସଲଟାନ୍ସିସର୍ଭିସେସରଏମଡି ଓ ସିଇଓକେକିର୍ତ୍ତିଭାସନ କହିଛନ୍ତି ଯେ, 'ବିଶ୍ୱ ଆଇଟି ଦୃଶ୍ୟପଟ୍ଟର ଆଧୁନିକୀ କରଣ ଏବଂ ଭବିଷ୍ୟତ ପାଇଁ ଏକ ସ୍ଥାୟୀ, ବ୍ୟାପକ ଡିଜିଟାଲ ମୁଳଦୁଆ ଗଠନ କରିବାରେ ଏସକେଏଫ୍ ସହ ଆମ ସହଯୋଗିତା କେନ୍ଦ୍ରୀଭୂତ ରହିଛି । ମିଳିତ ଭାବେ ଆମେ ଡାଟା ଆଧାରିତ ବୁଦ୍ଧିମତା ଓ ଏଆଇକୁ ଉପଯୋଗ କରି ଏକ କ୍ଷିପ୍ର ସଂସ୍ଥା ଗଠନ କରୁଛୁ ଯାହା ପ୍ରଯୁକ୍ତି ଓ ବଜାରରେ ହେଉଥିବା ପରିବର୍ତ୍ତନକୁ ଗ୍ରହଣ କରିବଏବଂ ଦୀର୍ଘକାଳୀନ ସ୍ଥାୟୀ ଅଭିବୃଦ୍ଧି ଓ ପ୍ରତିଯୋଗିତା ଭାବନକୁ ସମର୍ଥନ କରିବ । ଏସକେଏଫକୁ ଏକ ଏଆଇ ଆଧାରିତ ଶିଳ୍ପର ଅଗ୍ରଣୀ ପ୍ରଯୁକ୍ତି ଦ୍ୱାରା ପରିଚାଳିତ ଶିଳ୍ପ ବିନିର୍ମାଣକାରୀରେ ପ୍ରସ୍ତୁତ କରିବା ପାଇଁ ଆମ ମିଳିତ ପ୍ରତିବଦ୍ଧତାକୁ ଏହି ସହଯୋଗିତା ପ୍ରତିଫଳିତ କରୁଛି । ଅତ୍ୟାଧୁନିକ ପ୍ରଯୁକ୍ତି ଓ ସହଯୋଗୀ ବ୍ୟବସ୍ଥା ସହ ଟିସିଏସ୍ ଏହାର ଗଭୀର ଡୋମେନ ବିଶେଷତା ଉପଯୋଗ କରି ସମଗ୍ର ମୂଲ୍ୟ ଶୃଙ୍ଖଳାରେ ଫଳାଫଳ ଆଧାରିତ, ସଂସ୍ଥା ବ୍ୟାପକ ବ୍ୟବସାୟ ରୂପାନ୍ତରଣ ପ୍ରଦାନ କରିବ । ସ୍ୱିଡେନରଗୁଟେନବର୍ଗ ସ୍ଥିତ ଏସକେଏଫର ମୁଖ୍ୟ କାର୍ଯ୍ୟାଳୟରେ ଚୁକ୍ତି ସ୍ୱାକ୍ଷର ସମାରୋହ ଅବସରରେ ଟିସିଏସର ଏମଡି ଓ ସିଇଓକେ କିର୍ତ୍ତିଭାସନ ଓ ଏସକେଏଫର ସଭାପତି ଓ ସିଇଓ ରିଚାର୍ଡ ଗୁସ୍ତାଫସନ ଉପସ୍ଥିତ ଥିଲେ ।

# ସ୍ତ୍ରୀକୁ ଲୁହା ରଡରେ ଆକ୍ରମଣ କରି ସ୍ୱାମୀ ଗିରଫ

**ବୁଗୁଡା, ୨୯।୫ (ନି.ପ୍ର)** : ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗହଙ୍ଗୁ ଗ୍ରାମରେ ସ୍ତ୍ରୀ ଝିଲ୍ଲୀ ନାଇକକୁ ଆକ୍ରମଣ କରି ସ୍ୱାମୀ ଟୁକୁନା ନାଇକ(୩୫)ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଏ ନେଇ ପୋଲିସ ପକ୍ଷରୁ କେସ୍ ନଂ ୨୭୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ସୁରାଟରେ ଦାଦନ ଖଟୁଥିବା ଟୁକୁନା ତିନି ଦିନ ହେଲା ନିଜ ଗାଁ ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡାକୁ ଫେରିଥିଲା । ତେବେ ସେ ଗତ ଗୁରୁବାର ଦିନ ଶଶୁର ଘର ଗହଙ୍ଗୁ ଗ୍ରାମକୁ ମାତାଲ ଅବସ୍ଥାରେ ଆସି ସ୍ତ୍ରୀ ଝିଲ୍ଲୀକୁ ଲୁଣିପଡାକୁ ଯିବାକୁ ବାଧ କରିଥିଲା । ଏଥିରେ ଝିଲ୍ଲୀ ଅରାଜି ହେବାରୁ ଟୁକୁନା ଏକ ଲୁହା ରଡରେ ଆକ୍ରମଣ କରି ମୁଣ୍ଡକୁ ଆଘାତ କରିଥିଲା ବେଳେ ଶାଶୁ ଏହାର ପ୍ରତିବାଦ କରିବାକୁ ଯାଇ ସେ ମଧ ଆକ୍ରମଣର ଶିକାର ହୋଇଥିଲେ । ଏ ନେଇ ସ୍ତ୍ରୀ ଝିଲ୍ଲୀ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲା ବେଳେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଟୁକୁନାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

# ଗ୍ରାମ ଖେଳ ପଡିଆକୁ ଜବର ଦଖଲ ପ୍ରତିବାଦରେ ଦାବିପତ୍ର ପ୍ରଦାନ



**ଆଠମଲ୍ଲିକ,୨୯।୫ (ନି.ପ୍ର):** ଗ୍ରାମ ଖେଳ ପଡିଆ କୁ ଜବର ଦଖଲ କରିଥିବାରୁ ଗ୍ରାମ ବାସୀ ଛାତ୍ରଛାତ୍ରୀ, ଅଭିଭାବକ ଏବଂ କ୍ଲବ ଫୁଟବଲ ଖେଳାଳି ମାନେ ଏହାର ପ୍ରତିବାଦରେ ଉପ -ଜିଲ୍ଲାପାଳ ଆଠମଲ୍ଲିକ ଙ୍କ ଠାରେ ଅଭିଯୋଗ କରିଥିବା ଜଣାପଡିଛି । ଘଟଣା କ୍ରମ ଅନୁଯାଇ ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହା ସିଙ୍ଗା ପଞ୍ଚାୟତ ପତାକା ଗ୍ରାମ ର ଏକ ବହୁ ପୁରୁଣା ଖେଳ ପଡିଆ ରେ ପତାକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ଅଷ୍ଟକିଳା ଫୁଟବଲ କ୍ଲବ ର ସଭ୍ୟ ବୃନ୍ଦ ଏହି ଖେଳ ପଡିଆ ରେ ଖେଳି ଥାନ୍ତି । ତେଣୁ ପ୍ରଶାସନ ତରଫରୁ ମାପ ଚୁପ କରା ଯାଇ ପଡିଆ କୁ ଜବର ଦଖଲ ମୁକ୍ତ କରିବା ପାଇଁ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ଙ୍କ ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଓ ବ୍ଲକ ଶିକ୍ଷାଅଧିକାରୀ ସୁନୀଲ କୁମାର ସାହୁ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଦାବିପତ୍ର ଦେବା ସମୟ ରେ ଅମୁଲ୍ୟ ପ୍ରଧାନ,ସମିତି ସାହୁ,ରୁଦ୍ରମାଧବ ଦେହୁରୀ, ପ୍ରଭଞ୍ଜନ ପ୍ରଧାନ,ଆକାଶ ଦେହୁରୀ, ଜିଦ ପ୍ରଧାନ ଙ୍କ ସମେତ ଛାତ୍ର ଛାତ୍ରୀ ଓ ଖେଳାଳି ଉପସ୍ଥିତ ଥିଲେ ।

# କୋକା-କୋଲା ଏବଂ ଗୁଗଲ୍ ଜେମିନି ଏକ୍ସପିରିଏନ୍ସ ସହିତ କୋକ୍‌ବ୍ରେକ୍‌କୁ ଏକ ନୂଆରୂପ ଦେଉଛନ୍ତି

**ନୂଆଦିଲ୍ଲୀ, ୨୯।୫ (ନି.ପ୍ର):** କୋକା-କୋଲା ଇଣ୍ଡିଆ ଗୁଗଲ ସହଭାଗୀତାରେ ଏବଂ ଗୁଗଲ ମେଜିନି ଦ୍ୱାରା ନିର୍ମିତ ଏକ ନୂତନ ଏଆଇ-ଚାଳିତ ଅଭିଜ୍ଞତା 'କୋକା-କୋଲାହାଫଟାଇମସର ପ୍ରାଇସ'ର ଶୁଭାରମ୍ଭ ସହିତ ପ୍ରତିଟି ବିରତିକୁ ଅଧିକ ମଜାଦାର କରୁଛି । ଦୁଇଟି ପ୍ରତିଷ୍ଠିତ ବ୍ରାଣ୍ଡକୁ ଏକାଠି ଆଣି, ଏହି ଅଭିଜ୍ଞତା ତିନୋଟି ଭିନ୍ନ ଏଆଇ-ଚାଳିତ ଯାତ୍ରାରସୁଯୋଗ ଦେଉଛି, ଯାହା ଦୈନନ୍ଦିନ କୋକ୍ ବ୍ରେକ୍‌କୁ ଆନନ୍ଦଦାୟକ ଆଶ୍ଚର୍ଯ୍ୟ, ସୃଜନଶୀଳତା ଏବଂ ଆତ୍ମ-ପ୍ରକାଶର ମୁହୂର୍ତ୍ତରେ ବଦଳାଇବା ପାଇଁ ଡ଼ିଜାଇନ କରାଯାଇଛି । କୋକା-କୋଲାର ବିଶ୍ୱସ୍ତରୀୟ 'ହାଫଟାଇମ' ଦର୍ଶନ ଦ୍ୱାରା ଅନୁପ୍ରାଣୀତ ହୋଇ, ଗ୍ରାହକ ମାନେ ଯେ କୌଣସି ସ୍ପେଶାଲ କୋକା-କୋଲା ପ୍ୟାକରେ ଥିବା କ୍ୟୁଆର କୋଡ଼୍‌କୁ ସ୍କାନ କରି ଏହି କାଳ୍ପନିକ ନୂତନ ଦୁନିଆରେ ପ୍ରବେଶ କରିପାରିବେ । ତିନୋଟି ସ୍ୱତନ୍ତ୍ର ଲେବୁଲ ମଧ୍ୟରୁ ଗୋଟିଏକୁ ଅନଲକ୍ କରି, ବ୍ୟବହାର କାରୀ ମାନେ ଗୁଗଲ ଜେମିନିରେ ଏକ ପ୍ରସଙ୍ଗ-ଆଧାରିତ ଗେମିଫାଇଡ଼ଇଂଟର ଫେସରେ ପ୍ରବେଶ କରିବେ, ଯେଉଁଠାରେ କ୍ୱିକ୍‌ଟ୍ୟାପ, ସ୍ୱାଇପ ଏବଂ ବ୍ୟକ୍ତିତ୍ୱ-ଆଧାରିତ ଇନପୁଟ୍ ଗୁଡ଼ିକ ଏକ ଦୈନନ୍ଦିନ ବିରତିକୁ ଆତ୍ମ-ପ୍ରକାଶର ଏକ ବ୍ୟକ୍ତିଗତ ଯାତ୍ରାରେ ପରିଣତ କରିବ । ଜେମିନିରକାନଭାସ ବିଶେଷତ୍ୱ ଗୁଡ଼ିକ ବ୍ୟବହାର କରି, ସିନେମାଟିକ୍‌କମିକ୍-ଷ୍ଟ୍ରିପ୍‌ବ୍ରହ୍ମାଣ୍ଡ, କାଳ୍ପନିକ ସମୟସୀମା ଏବଂ ସଙ୍ଗୀତ ଅନୁପ୍ରାଣୀତ ଅଲଟରଇଗୋ ମାଧ୍ୟମରେ ପ୍ରତିଟି ବିରତିରେ ନୂତନ ସୃଜନଶୀଳ ଅଭିଜ୍ଞତା ଉନ୍ମୋଚିତ ହେବ । ଏହି ମୁହୂର୍ତ୍ତ ଗ୍ରାହକ ମାନଙ୍କୁ ବିବର୍ତ୍ତିତ ଚରିତ୍ର ଏବଂ ସୌନ୍ଦର୍ଯ୍ୟ ସହିତ ନାଟକୀୟ ଦୃଶ୍ୟ ମାନ କାହାଣୀ ମଧ୍ୟରେ ସ୍ଥାନିତ କରିପାରେ, କିମ୍ବା ଏଆଇ-ଚାଳିତ ସୃଜନଶୀଳତା ମାଧ୍ୟମରେ ସେମାନଙ୍କୁ ଡ଼ାଇନୋସର, ମଧ୍ୟଯୁଗୀୟ ଦୁର୍ଗ କିମ୍ବା ଭବିଷ୍ୟତର ବାସ୍ତବତା ସହିତ ପ୍ରାଗ-ଐତିହାସିକ ଯୁଗକୁ ନେଇ ଯାଇପାରେ । ଅନନ୍ୟ ଭାବେ ପ୍ରସ୍ତୁତ ସୃଜନଶୀଳତା ସହିତ, ଗ୍ରାହକ ମାନେ ପୁରସ୍କାର ଅନଲକ କରିବା ଏବଂ ଭାଉଚ଼ର ଜିତିବାର ସୁଯୋଗ ମଧ୍ୟ ପାଇବେ । ଏହି ଦୁନିଆରେ ପାଦ ଥାପିବା ପାଇଁ, ଗ୍ରାହକ ମାନେ ଏକ ପ୍ୟାକ୍‌ସ୍କାନ କରିପାରିବେ ଏବଂ ତିନୋଟି ଭିନ୍ନ ରୋମାଂଚକର ଯାତ୍ରା ମଧ୍ୟରୁ ବାଛି ପାରିବେ : ଜଣେ ରକ୍‌ଷ୍ଟାରହୁଅନ୍ତୁ : ବ୍ୟବହାର କାରୀ ମାନେ ଏକ ପୁରୁଣା ଜୁକ୍‌ବକ୍ସଇଂଟରଫେସ




ମାଧ୍ୟମରେ ଟ୍ୟାପ କରି ନିଜର ଏକ ସେଲଫିକୁ ପାରମ୍ପରିକ ଟ୍ରାକ୍ ସହିତ ଏକ ବ୍ୟକ୍ତିଗତ ଆଲବମ କଭରରେ ପରିଣତ କରି ପାରିବେ, ଯାହା କାର୍ଯ୍ୟକ୍ରମଟି କେଟଜିତିବାର ସୁଯୋଗ ଆଣିଦେବ । ଜଣେ ଚ଼ଳଚ୍ଚିତ୍ର ତାରକା ହୁଅନ୍ତୁ: ବ୍ୟବହାରକାରୀ ମାନେ ଏକ ଚ଼ଳଚ୍ଚିତ୍ର ଭେଣ୍ଡିଙ୍ଗ ମେସିନ ଇଂଟର ଫେସ ମାଧ୍ୟମରେ ସ୍ୱାଇପ କରି ପାରମ୍ପରିକ ୬ ପ୍ୟାନେଲ ବିଶିଷ୍ଟ କମିକ୍‌ଷ୍ଟିପ୍‌ର ମୁଖ୍ୟ ଚ଼ରିତ୍ର ଭାବରେ ଅଭିନୟ କରିପାରିବେ, ଯାହା ଚ଼ଳଚ୍ଚିତ୍ର ଭାଉଚ଼ର ଜିତିବାର ସୁଯୋଗ ଆଣିଦେବ । ସମୟ ସହିତ ଯାତ୍ରା କରନ୍ତୁ: ବ୍ୟବହାରକାରୀ ମାନେ ସେମାନଙ୍କର ସେଲଫିକୁ ନେଇ ଏକ ସୁନ୍ଦର, ଦୃଶ୍ୟମାନ ବୋର୍ଡ଼ ଶୈଳୀର କୋଲାଜତିଆରି କରିବା ପାଇଁ ଏକ ଡ଼ିଜିଟାଲଟାଇମ ମେସିନ ଚ଼ଳାଇ ପାରିବେ, ଯାହା ବିମାନ ଏବଂହୋଟେଲଭାଉଚ଼ରଜିତିବାରସୁଯୋଗ ଆଣିଦେବ । ଗ୍ରେଷମାସିଂ, ଉପସଭାପତି, ମାର୍କେଟିଙ୍ଗ, କୋକା-କୋଲାଇଣ୍ଡିଆ ଆଣ୍ଡସାଉଥୱେଷ୍ଟଏସିଆ କହିଛନ୍ତି, 'ଆଜିର ଜେନ ଜିଗ୍ରାହକ ମାନଙ୍କ ପାଇଁ ଆତ୍ମ-ପ୍ରକାଶବା ନିଜକୁ ପ୍ରତିପାଦିତ କରିବା ହେଉଛି ପରିବର୍ତନଶୀଳ, ଦୃଶ୍ୟମାନ ଏବଂ ସଙ୍ଗୀତ ତଥା ଡ଼ିଜିଟାଲ ସଂସ୍କୃତି ଦ୍ୱାରା ଗଭୀର ଭାବରେ ପ୍ରଭାବିତ । 'କୋକା-କୋଲାହାଫଟାଇମସରପ୍ରାଇଜ' ମାଧ୍ୟମରେ ଆମେକୋକ୍ ପଜ୍‌କୁ ସେମାନଙ୍କ ପାଇଁ ଅଧିକ ଅଂଶଗ୍ରହଣ ମୂଳକ, ଆମୋଦ ଦାୟକ ଏବଂ ବ୍ୟକ୍ତିଗତ ଭାବେ ପୁନଃ-କଳ୍ପନା କରିବାକୁ ଚାହୁଁଥିଲୁ । ଯାହା ଏହାକୁ ବିଶେଷ ଭାବରେ ରୋମାଂଚକର କରିଥାଏ, ତାହା ହେଉଛି ଗୁଗଲ୍‌ଜେମିନିର ସହାୟତାରେ ପ୍ରତ୍ୟେକଟି ଯୋଗାଯୋଗ ସମ୍ପୂର୍ଣ୍ଣ ଅନନ୍ୟ ଅଟେ । ଆପଣ ନିଜର ଏକ କମିକଷ୍ଟ୍ରିପ୍‌ତିଆରି କରନ୍ତୁ, କେବଳ ଏଆଇ ନେଇ ପାରୁଥିବା ଏକ ଦୁନିଆକୁ ସମୟ- ଯାତ୍ରା କରୁଥାନ୍ତୁ କିମ୍ବା ନିଜର ଆଲବମ କଭର ଡ଼ିଜାଇନ କରୁଥାନ୍ତୁ, ଏହି ଅନୁଭୂତି ସମ୍ପୂର୍ଣ୍ଣଭାବେ ଆପଣଙ୍କର ନିଜର ବୋଲି ମନେ ହେବ । ଗୁଗଲ୍ ସହିତ ଏହି ସହଯୋଗ ସୃଜନ ଶୀଳତା ଏବଂ ପ୍ରଯୁକ୍ତିବିଦ୍ୟାକୁ ଏପରି ଏକ ଢ଼ଙ୍ଗରେ ଏକତ୍ରିତ କରିଛି, ଯାହା ଏକ କୋକା-କୋଲା ପ୍ୟାକ୍ ଉପରେ କରାଯାଉଥିବା ସାଧାରଣ ସ୍କାନକୁ ବାସ୍ତବ ଆବିଷ୍କାରର ଏକ ମୁହୂର୍ତ୍ତରେ ରୂପାନ୍ତରିତ କରିଥାଏ ।' ଶେଖରଖୋସଲା, ଗୁଗଲଇଣ୍ଡିଆରଭିପି-ମାର୍କେଟିଙ୍ଗକହିଛନ୍ତି, 'ବ୍ରାଣ୍ଡ ସହ ଯୋଡ଼ିହେବା ସେତେବେଳେ ସବୁଠାରୁ ସ୍ମରଣୀୟ ହୋଇଥାଏ, ଯେତେବେଳେ ଏହା ପାରସ୍ପରିକ, ବ୍ୟକ୍ତିଗତ ଏବଂ ମନୋରନଧର୍ମୀ ହୁଏ । ଆମେକୋକା-କୋଲାସହିତ ସହଯୋଗ କରି ବହୁତ ଖୁସି, ଯାହା ଦ୍ୱାରା' କୋକା-କୋଲାହାଫଟାଇମସର ପ୍ରାଇଜ' ଲୋକମାନଙ୍କୁ ଗୁଗଲ ଜେମିନି ବ୍ୟବହାର କରି ଖେଳିବା, ତିଆରିକରିବା ଏବଂ ସେୟାର କରିବା ପାଇଁ ଏକ ଆକର୍ଷଣୀୟ ମାଧ୍ୟମ ପ୍ରଦାନ କରୁଛି । ଯାହା ଏହି କାର୍ଯ୍ୟକ୍ରମକୁ ଏତେ ଉତ୍ସାହ ଜନକ କରିଥାଏ, ତାହା ହେଉଛି ପ୍ରକୃତରେ ବ୍ୟକ୍ତିଗତ ଅନୁଭୂତି ସୃଷ୍ଟିକରିବାର କ୍ଷମତା । ଜେମିନିକୁ ଏକ ସୃଜନଶୀଳତ ସାଥୀ ଭାବରେ ପାଇଲୋକ ମାନେ ସହଜରେ ନୂତନ ଦୃଶ୍ୟମାନ କାହାଣୀ ଚିନ୍ତା କରିପାରିବେ ଏବଂ ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକୁ ଆତ୍ମ-ପ୍ରକାଶର ଏକ ମଜାଦାର ପ୍ରଦର୍ଶନରେ ପରିଣତକରିପାରିବ ।' ଏହି ଶୁଭାରମ୍ଭ ଫେଷ୍ଟିକନ୍ସର ସଫଳତା ଉପରେ ଆଧାରିତ, ଯାହା ଦୀପାବଳି ସମୟରେ କୋକା-କୋଲା ଦ୍ୱାରା ଆୟୋଜିତ ଏକ ସୃଷ୍ଟିକାରୀ ଏଆଇ-ଚାଳିତ ଅଭିଯାନ ଥିଲା ଏବଂ ଏହା ଗ୍ରାହକମାନଙ୍କୁ ବ୍ୟାପକ ସ୍ତରରେ ନିଜସ୍ୱ ପାର୍ବଣ ଅଭିବ୍ୟକ୍ତି ସୃଷ୍ଟି କରିବାକୁ ସକ୍ଷମ କରିଥିଲା । 'କୋକା-କୋଲାହାଫଟାଇମସର ପ୍ରାଇଜ' ସହିତ କୋକା-କୋଲାଇଣ୍ଡିଆ ସେହି ସୃଜନଶୀଳତାର ଭାବନାକୁ ଏକ ସର୍ବଦା-ସକ୍ରିୟ ଅନୁଭୂତିରେ ପରିଣତ କରିଛି, ଯାହା ଦୈନନ୍ଦିନ ମୁହୂର୍ତ୍ତ ଗୁଡ଼ିକୁ ଅଧିକ ଅଭିବ୍ୟକ୍ତିପୂର୍ଣ୍ଣ, ପାରସ୍ପରିକ ଏବଂ ଆଶ୍ଚର୍ଯ୍ୟରେ ପରିପୂର୍ଣ୍ଣ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

# ରାଜଗାଙ୍ଗପୁର ରାଣିବନ୍ଧ ଚୋରଙ୍କ ଆଡ୍ଡାସ୍ଥଳୀ

ରାଜଗାଙ୍ଗପୁର, ୨୯।୫: ରାଜଗାଙ୍ଗପୁର ପୌରପରିଷଦ ଅନ୍ତର୍ଗତ ରାଣିବନ୍ଧ ନୀୟୁ କଲୋନୀ ର ବିଭିନ୍ନ ଘରେ ରାତ୍ରୀ ସମୟରେ ଚୋର ପାଚିରି ଡେଇଁ ଅନାୟାସରେ ଘର ପରିସରରେ ପ୍ରବେଶ କରି ବିଭିନ୍ନ ଯାବତୀୟ ସାମଗ୍ରୀ ଚୋରି କରୁଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି। ସିସିଟିଭି କ୍ୟାମେରା କୁ ବେ ଖାତିର କରି ଘରର କବାଟ ଝରକା ଗୁଡିକୁ ଖୋଲିବାକୁ ଚେଷ୍ଟା କରି ବିଫଳ ହେଉଥିବା ସିସିଟିଭି କ୍ୟାମେରା ଫୁଟେଜ ରୁ ଜଣାପଡ଼ିଛି ।ଚୋର ଙ୍କ ଉପସ୍ଥିତି କୁ ନେଇ ପଡାବାସି ରାତ୍ରୀ



ସମୟରେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି ଉକ୍ତ ଘଟଣା ସମ୍ପର୍କରେ କିଛି ଘର ମାଲିକ ରାଜଗାଙ୍ଗପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଯଥାଶୀଘ୍ର ଚୋର ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ବାସିନ୍ଦା ଥାନା ଅଧିକାରୀ ଙ୍କୁ ନିବେଦନ କରିଛନ୍ତି।

# ମକା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ଶୋଷଣର ଶିକାର : କଂଗ୍ରେସ

ଭୁବନେଶ୍ୱର, ୨୯/୫ – ରାଜ୍ୟର ନବରଙ୍ଗପୁର ଜିଲ୍ଲାରେ ସବୁଠାରୁ ଅଧିକ ମକା ଉତ୍ପାଦନ ହୋଇଥାଏ। ଏଠାର ଚାଷୀମାନେ ଧାନ ଅପେକ୍ଷା ବିଶେଷ କରି ମକା ଚାଷ ପ୍ରତି ଆଗ୍ରହୀ। ଜିଲ୍ଲାରେ ଦୁଇଟି ଋତୁରେ ପ୍ରାୟ ୫ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ମକା ଉତ୍ପାଦନ ହୁଏ। ସରକାରୀ ସ୍ତରରେ ମକାର ନିର୍ଦ୍ଧାରିତ ଏମ.ଏସ.ପି. କ୍ୱିଣ୍ଟାଲ ପ୍ରତି ୨୬୦୦ ଟଙ୍କା। ଚାଷୀ ବହୁଶ୍ରମ, ଅର୍ଥ ବିନିଯୋଗ କରି ମକା ଅମଳ କରିବା ପରେ ଅଭାବୀ ବିକ୍ରିର ଶିକାର ହୋଇ ଏହି ମକାକୁ କ୍ୱିଣ୍ଟାଲ ପ୍ରତି ୧୭ ରୁ ୧୮ଶହ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଜିଲ୍ଲାର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମକା ମଣ୍ଡିର ବ୍ୟବସ୍ଥା ନାହିଁ। କିମ୍ବା ସରକାର ଓ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଏପରି ଦୂରାବସ୍ଥାର ସୁସମାଧାନ ପାଇଁ କୌଣସି ଦୀର୍ଘସ୍ଥାୟୀ ସମାଧାନ କରାଯାଇ ନାହିଁ। କୋଷାଗୁମୁଡ଼ାଠାରେ ମକା ପ୍ରୋସେସିଂ ପାଇଁ ଏକ ଘରୋଇ ପ୍ରକଳ୍ପ ଥିବା ବେଳେ ବାହାରକୁ ଅନେକ ସମୟରେ ରପ୍ତାନୀର ବ୍ୟବସ୍ଥା କରା ନ ଯାଇ ପାରୁଥିବା ହେତୁ ଅନେକ ସମୟରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଫଳରେ ଚାଷୀ ଗୁରୁତର ଶୋଷଣର ଶିକାର ହେବା ସହ ବେପାରୀ ଓ ମଧ୍ୟସ୍ଥମାନେ ଢେର ଲାଭ ଉଠାଉଛନ୍ତି।

ଗୋଟିଏ ପଟେ କେନ୍ଦ୍ର ସରକାର ବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ବ୍ୟବସ୍ଥା ଥିବା ଏବଂ ନିର୍ଦ୍ଧାରିତ ଏମ.ଏସ.ପି.ରେ ମକା କ୍ରୟ କରାଯିବା କଥା ଘୋଷଣା କରୁଥିବା ବେଳେ ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ଅବସ୍ଥା କହିଲେ ନ ସରେ। ସରକାରଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ। ଚାଷୀ ବାରମ୍ବାର ଏହି ସମ୍ପର୍କରେ ସ୍ୱର ଉତ୍ତୋଳନ କରୁଥିବା ବେଳେ ସରକାର ଓ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା। ଚାଷୀଙ୍କ ଏପରି ବାରମ୍ବାର ଅଭିଯୋଗ ଜାଣିବା ପରେ ନିକଟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରତିନିଧିମଣ୍ଡଳରେ ନବରଙ୍ଗପୁର ଜିଲ୍ଲାକୁ ଗସ୍ତକରି ବିଭିନ୍ନ ଅଞ୍ଚଳର ମକାଚାଷୀ, ଜିଲ୍ଲାପାଳ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ଉଭୟ ଡବଲ ଇଞ୍ଜିନ୍ ବିଜେପି ସରକାର ଦାୟୀ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସରକାରଙ୍କ ପକ୍ଷରୁ ତୁରନ୍ତ ସବୁ ଅଞ୍ଚଳରେ ସଶକ୍ତ ମଣ୍ଡି ନିର୍ମାଣ ଓ ଚାଷୀଙ୍କଠାରୁ ନିର୍ଦ୍ଧାରିତ ଏମ.ଏସ.ପି.ରେ ମକା କିଣିବାକୁ ଦାବୀ କରିବା ସହ ନବରଙ୍ଗପୁରଠାରେ ଏକ ବୃହତ୍ତ ମକା ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ, ମକା ରପ୍ତାନୀ କେନ୍ଦ୍ର ସ୍ଥାପନ ଓ ଇଥାନଲ ପ୍ଲାଣ୍ଟ ସ୍ଥାପନ ପାଇଁ ଦଳ ତରଫରୁ ଦୃଢ଼ ଦାବୀ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ କିଷାନ କଂଗ୍ରେସ ନେତା ତଥା ରାଜ୍ୟ କଂଗ୍ରେସ ସମବାୟ ପ୍ରକୋଷ୍ଠର ସଂଯୋଜକ ଡ. ସନରାଜ ଗଣ୍ଡ, ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ, ବୃନ୍ଦାବନ ତ୍ରିପାଠୀ ଏବଂ ପିସିସି ସମବାୟ ପ୍ରକୋଷ୍ଠ ଉପାଧ୍ୟକ୍ଷ ବୃନ୍ଦାବନ ଖଟେଇ ପ୍ରମୁଖ ଚାଷୀ ପ୍ରତିନିଧିମାନେ ଉପସ୍ଥିତ ଥିଲେ।




# ରାଜଗାଙ୍ଗପୁର ଭାରତରୁ ଶିକ୍ଷା ପୁସ୍ତକ ଉନ୍ମୋଚିତ



ରାଜଗାଙ୍ଗପୁର, ୨୯।୫: ରାଜଗାଙ୍ଗପୁର ଷ୍ଟେସନ ପଡ଼ା ନିବାସୀ ଅର୍ନବ ସିଂ ଙ୍କ ଦ୍ୱାରା ଲିଖିତ ଭାରତରୁ ଶିକ୍ଷା ପୁସ୍ତକ ପୌରପରିଷଦ ଅନ୍ତର୍ଗତ ମାରୱାଡି ଧର୍ମଶାଳା ଠାରେ ମୁଖ୍ୟ ଅତିଥି ଭାବେ ନିର୍ମଳା ଇଂରାଜୀ ବିଦ୍ୟାଳୟ ର ପ୍ରିନ୍ସିପାଲ ସିଷ୍ଟର ବାରନାଦାତେ ଏଡିପିଓ ବିଭୁତି ଭୁଷଣ ଭୋଇ ଶିଳ୍ପପତି ଶ୍ରବଣ ଅଗ୍ରୱାଲ ପୁର୍ବତନ ଉପାଧ୍ୟକ୍ଷ ଅଶୋକ ଦାସ ପୁର୍ବତନ କାଉନସିଲର ଷ୍ଟାକଗୁଡ୍ଡା ପୁର୍ବତନ ଟାଉନ କଂଗ୍ରେସ ସଭାପତି ଦେବରଞ୍ଜନ ବିନୋଦ ଶିଳ୍ପପତି ପବନ ଗଡୋଦିଆ ପୁର୍ବତନ ଉପାଧ୍ୟକ୍ଷ ପାକା ବାବୁ ସମାଜସେବୀ ହୃଦାନନ୍ଦ ସିଂ ଦିଲିପ୍ ସିଂ ଓ ଶିକ୍ଷକ ଅନୁପମ ବରୁଆ ଶୈଇଲେସ ତ୍ରିପାଠୀ ଆଫଜାଲ ବେଦାର ଜଗତ ନାରାୟଣ ଶର୍ମା ଆଷିଫ ରାଜା ଶଶିଭୂଷଣ ଚୈରସିଆ ଶମ୍ଭୁ ସିଂ ଏନସିସି ଟ୍ରେନର ଶୋଭା ଦି ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ନାଗରିକ ଅନ୍ୟାନ୍ୟ ଅତିଥି ଙ୍କ ଉପସ୍ଥିତି ରେ ମହାପ୍ରଭୁ ଜଗନ୍ନାଥ ଙ୍କ ଫଟୋଚିତ୍ର ରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ କରାଯାଇ ଭାରତ ରୁ ଶିକ୍ଷ୍ୟା ବହି ଉନ୍ମୋଚିତ ହୋଇଥିଲା। ଉକ୍ତ ବହି ରେ ଲେଖକ ଭାରତୀୟ ପୁରାତନ କଳା ସାହିତ୍ୟ ସଂସ୍କୃତି ପରମ୍ପରା ନୀତି ଭାଷା ସାହିତ୍ୟ ସ୍ଥାପତ୍ୟ କଳା ଭାରତର ସଭ୍ୟତା ଶିକ୍ଷା ବିଗ୍ୟାନ ରାଜା ମହାରାଜା ଙ୍କ ଶାସନ କୁ ପ୍ରଥା ଶତିଦାହ ନାରୀ ଙ୍କ ଅଧିକାରୀ ସୁରକ୍ଷା ସର୍ବ ଧର୍ମ ସମାନତା ମୋଗଲ ସାମ୍ରାଜ ବ୍ରିଟିଶ ଶାସନ ପରାଧୀନ ସ୍ୱାଧୀନ ଭାରତ ର ଶାସକ ପ୍ରଣାଳୀ ଓ ବର୍ତମାନ ର ଶାସନ ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ବିଶେଷ ଉପସ୍ଥାପନ କରିଥିଲେ।

## ସମ୍ବଲପୁର ଜେଲରେ କାର୍ଯ୍ୟରତ ୱାର୍ଡରଙ୍କ ମୃତ୍ୟୁ

ସମ୍ବଲପୁର୨୯।୫(ନି.ପ୍ର.):: ସମ୍ବଲପୁର ମଣ୍ଡଳ କାରାଗାରରେ ଜଣେ କାର୍ଯ୍ୟରତ ୱାର୍ଡରଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ୱାର୍ଡର ରଶ୍ମିରଞ୍ଜନ ମିଶ୍ର । ତାଙ୍କ ଘର ବରଗଡ଼ ଜିଲ୍ଲାରେ । ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ୱାର୍ଡର୍ ରଶ୍ମିରଞ୍ଜନ ମିଶ୍ର ଡ୍ୟୁଟି କରୁଥିବା ସମୟରେ ଜେଲ୍ ବାରାକର ଶୌଚାଳୟରେ ପଡ଼ି ଗୁରୁତର ହୋଇଥିଲେ । ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଛନ୍ତି । ରଶ୍ମିରଞ୍ଜନ କିପରି ଶୌଚାଳୟରେ ପଡ଼ିଲେ ତାହା ଜଣାପଡ଼ିନାହିଁ । ଏହା ହୃଦଘାତ ନା ଅଘଟଣ ତାହା ସ୍ପଷ୍ଟ ହୋଇନାହିଁ । ଏ ନେଇ ଜେଲ ଅଧୀକ୍ଷକଙ୍କ ପକ୍ଷରୁ ମଧ୍ୟ କୌଣସି ସୂଚନା ମିଳିପାରିନାହିଁ ।

### ସୁଧୀର ପାତ୍ର ମର୍ଡର ମିଷ୍ଟ୍ରି

## ଅଭିଯୁକ୍ତଙ୍କ ଡେମୋ, କ୍ରାଇମ୍ ସିନ୍ ରିକ୍ରିଏସନ୍

ବ୍ରହ୍ମପୁର, ୨୯।୫(ନି.ପ୍ର.):: ଗଞ୍ଜାମର ବହୁଚର୍ଚ୍ଚିତ ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ଅପହରଣ ଓ ହତ୍ୟା ମାମଲାର ତଦନ୍ତକୁ ଆହୁରି ଜୋରଦାର କରିଛି ପୋଲିସ। ଏହି ଘଟଣାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ସୁମିତ ସିଂ ଓରଫ ସୁନୀଲ ରାଜପୁତ ଓ ମୁକେଶ ସାହୁଙ୍କୁ ନେଇ ଗୋପାଳପୁର ପୋଲିସ ଆଜି ଘଟଣାସ୍ଥଳରେ କ୍ରାଇମ୍ ସିନ୍ ରିକ୍ରିଏସନ୍ କରିଛି। ଅପହରଣ ଦିନ କିପରି ସମଗ୍ର ଷଡଯନ୍ତ୍ର ରଚାଯାଇଥିଲା ଏବଂ ସୁଧୀର ପାତ୍ରଙ୍କୁ କିପରି ଅପହରଣ କରାଯାଇଥିଲା, ସେନେଇ ଉଭୟ ଅଭିଯୁକ୍ତ ପୋଲିସକୁ ଡେମୋ ଦେଖାଇଥିଲେ। ଗତକାଲି ରାତିରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ଆଣିଥିଲା। ରିମାଣ୍ଡର ପ୍ରଥମ ଦିନରେ ଏଏସ୍ ?ପି ଆଲୋକ ଜେନା ଓ ସଦର ଏସ୍ ?ଡିପିଓ ଶୁଭ୍ରାଂଶୁ ଶେଖର ପରିଡା ସେମାନଙ୍କୁ ଘନଘନ ପଚରାଉଚରା କରିଥିଲେ। ଆଜି ଭାବିନାରାୟଣପୁର-ବଣଗାଁ-ମଣ୍ଡିଆପଲ୍ଲୀ ରାସ୍ତାରେ ଘଟଣାସ୍ଥଳକୁ ନେଇ କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଯାଇଥିଲା। ଏହି ସମୟରେ ସୁମିତ ସିଂ ଓରଫ ସୁନୀଲ ରାଜପୁତ ସୁଧୀର ପାତ୍ରଙ୍କୁ କିପରି ଅପହରଣ କରାଯାଇଥିଲା, କେଉଁ ରାସ୍ତାରେ ନିଆଯାଇଥିଲା ଏବଂ ଅନ୍ୟ ଅଭିଯୁକ୍ତଙ୍କ ଭୂମିକା କ'ଣ ଥିଲା, ସେସବୁ ବିଷୟରେ ପୋଲିସ ସମ୍ମୁଖରେ ଡେମୋ ଦେଖାଇଥିଲା। ଅନ୍ୟପଟେ ମୁକେଶ ସାହୁ ପୋଲିସ ଗାଡ଼ିରେ ରହିଥିଲା। ତଦନ୍ତକାରୀ ଦଳ ଅପହରଣରୁ ଆରମ୍ଭ କରି ହତ୍ୟାକାଣ୍ଡ ପର୍ଯ୍ୟନ୍ତ ଘଟଣାର ପ୍ରତ୍ୟେକ ପର୍ଯ୍ୟାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛି।

# କାଜିପେଟ୍ ରେଳ ଉତ୍ପାଦନ ୟୁନିଟ୍ ସମ୍ପୂର୍ଣ୍ଣତାର ଦ୍ୱାରପ୍ରାନ୍ତରେ: ଅଶ୍ୱିନୀ ବୈଷ୍ଣବ

ନୂଆଦିଲ୍ଲୀ, ୨୯।୫(ନି.ପ୍ର.):: ଭାରତୀୟ ରେଳବାଇର କାଜିପେଟ୍ ରେଳ ଉତ୍ପାଦନ ୟୁନିଟ୍ ସମ୍ପୂର୍ଣ୍ଣ ହେବାର ଦ୍ୱାରଦେଶରେ ଅଛି। ଏହା ଏକ ବହୁମୁଖୀ ରେଳ ରୋଲିଂ ଷ୍ଟକ୍ ଉତ୍ପାଦନ ୟୁନିଟ୍। ପ୍ରାରମ୍ଭରେ, ଆଗାମୀ ୫ବର୍ଷ ମଧ୍ୟରେ କାଜିପେଟ୍ ୨୦୦ଟି ଇଣ୍ଟରସିଟି ଟ୍ରେନ୍ ନିର୍ମାଣ କରିବ। କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ବିଟ୍ଟୁ ଆଜି ବରିଷ୍ଠ ଅଧିକାରୀଙ୍କ ସହ କାଜିପେଟ ରେଳ ଉତ୍ପାଦନ ୟୁନିଟକୁ କାର୍ଯ୍ୟକ୍ଷମ କରିବାର ଯୋଜନା ସମୀକ୍ଷା କରିଛନ୍ତି।

ସ୍ୱଳ୍ପ ଦୂରତା ଯାତ୍ରା ପାଇଁ ଏହି ଟ୍ରେନଗୁଡ଼ିକୁ ସାରା ଦେଶରେ ଚଳାଚଳ କରାଯିବ। ସେମାନେ ବିଭିନ୍ନ ସ୍ଥାନରେ ବାରମ୍ବାର ଅଟକି ରହିବେ। ଏହି ଟ୍ରେନଗୁଡ଼ିକ ସାଧାରଣତଃ ପ୍ରାୟ ୩୦୦ କିଲୋମିଟର ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଯାତ୍ରାରେ ଅନେକ ରହଣି ରହିବ ଯାହା ଦ୍ୱାରା ନାଗରିକମାନେ ସହର ମଧ୍ୟରେ ସହଜରେ ଯାତାୟାତ କରିପାରିବେ। ତାହା ଆଖପାଖ ସହରରେ ଉଚ୍ଚ ଶିକ୍ଷା ପାଇଁ ଯାଉଥିବା ଛାତ୍ରଛାତ୍ରୀ ହୁଅନ୍ତୁ, କିମ୍ବା ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ଆବଶ୍ୟକତା ପାଇଁ ଯାତାୟାତ କରୁଥିବା ସାଧାରଣ ଲୋକ ହୁଅନ୍ତୁ। ଏହି ଟ୍ରେନଗୁଡ଼ିକ ଲୋକଙ୍କୁ ଆନ୍ତଃସହରାଞ୍ଚଳ ଯାତ୍ରା ପାଇଁ ଏକ ନୂଆ ସୁଲଭ ବିକଳ୍ପ ପ୍ରଦାନ କରିବ। ଏହି ଇଣ୍ଟରସିଟି ଟ୍ରେନଗୁଡ଼ିକ ଭାରତର ଆଖପାଖ ସହରଗୁଡ଼ିକୁ ସଂଯୋଗ କରୁଥିବା ସଟଲ୍ ସେବା ଭଳି ହେବ। ଏହି ଟ୍ରେନଗୁଡ଼ିକର ଉତ୍ପାଦନ ସହିତ, ବହୁ ସଂଖ୍ୟକ ଯାତ୍ରୀ ସଡକ ପରିବହନରୁ ରେଳପଥକୁ ଯିବାର ସମ୍ଭାବନା ରହିଛି। ଇଣ୍ଟରସିଟି ଟ୍ରେନଗୁଡ଼ିକ ସ୍ୱୟଂକ୍ରିୟ ଦ୍ୱାର ବନ୍ଦ କରିବା, ଉନ୍ନତ ବାୟୁ ଚଳାଚଳ ଏବଂ ୨୦ଟି କୋଚ ବିଶିଷ୍ଟ ଏକ ସୁରକ୍ଷିତ କୋଚ୍ ଡିଜାଇନ୍ ଭଳି ଆଧୁନିକ ବୈଶିଷ୍ଟ୍ୟ ସହିତ ସଜ୍ଜିତ ହେବ। ପ୍ରତ୍ୟେକ କୋଚରେ ଉଭୟ ପାର୍ଶ୍ୱରେ ଗୋଟିଏ କରି ମୋଟ୍ ଦୁଇଟି ଶୌଚାଳୟ ରହିବ । ଏହାବ୍ୟତୀତ, ଏହି ଇଣ୍ଟରସିଟି ଟ୍ରେନଗୁଡ଼ିକରେ ଆଧୁନିକ ଜର୍କ୍ ମୁକ୍ତ



କପ୍ଲର୍ ଏବଂ ବଗି ରହିବ। ଏହି ଟ୍ରେନଗୁଡ଼ିକ ଘଣ୍ଟାପ୍ରତି ୧୩୦ କି.ମି. ବେଗରେ ଚଳାଚଳ କରିବା ପାଇଁ ପରିକଳ୍ପନା କରାଯିବ। ଏହି ଟ୍ରେନଗୁଡ଼ିକରେ ରିଜେନେରେଟିଭ୍ ବ୍ରେକିଂ ବ୍ୟବସ୍ଥା ମଧ୍ୟ ରହିବ। ଏହାର ଅର୍ଥ ହେଉଛି ଯେ ଯେତେବେଳେ ଟ୍ରେନ୍ ବ୍ରେକ୍ ଲଗାଇବ, ଏହା ବିଦ୍ୟୁତ୍ ଜେନେରେଟରରେ ପରିଣତ ହେବ ଏବଂ ପୁନଃ ଉତ୍ପନ୍ନ ବିଦ୍ୟୁତକୁ ଗ୍ରୀଡକୁ ଫିଡ୍ କରିବ । ତେଣୁ ଏହା ଶକ୍ତି ସଞ୍ଚୟକାରୀ ଅଟେ। ଏହା ପରିବହନର ଏକ ସବୁଜ ମାଧ୍ୟମ ଏବଂ ସଡ଼କ ପରିବହନ ତୁଳନାରେ ଏଥିରେ କାର୍ବନ ନିର୍ଗମନ ଯଥେଷ୍ଟ କମ୍ ରହିବ। ରେଳବାଇ ଦ୍ୱାରା ଏତେ ସଂଖ୍ୟାରେ ଚଳାଚଳ ଆରମ୍ଭ ହେବା ଦ୍ୱାରା ସାରା ଦେଶରେ ସବୁଜ ଏବଂ ସ୍ୱଚ୍ଛ ପରିବହନ କ୍ଷମତା ବୃଦ୍ଧି ପାଇବ।

# ଅତିରିକ୍ତ ଗ୍ରୀଷ୍ମକାଳୀନ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟାରେ ବୃଦ୍ଧି

ଭୁବନେଶ୍ୱର, ୨୯।୫(ନି.ପ୍ର.): ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି ।ଟ୍ରେନ ନମ୍ବର ୨୦୮୧୭ ଭୁବନେଶ୍ୱର–ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ?ରେ ୩୦ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ ।ସେହିପରି, ଟ୍ରେନ ନମ୍ବର ୨୦୮୧୮ ନୂଆଦିଲ୍ଲୀ–ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ ।ଟ୍ରେନ ନମ୍ବର ୧୨୮୩୭ ହାଓଡା–ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍ ?ରେ ୩୦ ମେ ରୁ ୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ବୃଦ୍ଧି କରାଯିବ ।ଟ୍ରେନ ନମ୍ବର ୧୮୦୩୯ ଶାଲିମାର–ପୁରୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ ।ସେହିପରି, ଟ୍ରେନ ନମ୍ବର ୧୮୦୪୫ ଶାଲିମାର–ଚାର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସ୍ ?ରେ ୩୦ ଓ ୩୧ ମେ ଏବଂ ୧, ୨, ୪ ଓ ୫ ଜୁନ୍ ୨୦୨୬ ରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ ।ଏହାଛଡା, ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି–ୟେଲହଙ୍କା ଜଙ୍କସନ ଏସି ଏକ୍ସପ୍ରେସ୍ ?ରେ ୪ ଜୁନ୍ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ । ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଗୁରୁତ୍ୱପୂର୍ଣ୍ଣ ରୁଟ୍ ?ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ ଏବଂ ଏହି ସମୟ ମଧ୍ୟରେ ବଢୁଥିବା ଯାତ୍ରା ଚାହିଦାକୁ ପୂରଣ କରିବାରେ ସହାୟକ ହେବ।

# ଉପକୂଳରେ ଗୁଳୁଗୁଳି, ଆଭ୍ୟନ୍ତରୀଣ ଓଡ଼ିଶାରେ ଝଡ଼-ବର୍ଷାର ସମ୍ଭାବନା

ଭୁବନେଶ୍ୱର୨୯।୫(ନି.ପ୍ର.):: ଓଡ଼ିଶାରେ ପୁଣି ଥରେ ପାଗ ବଦଳିବାକୁ ଯାଉଛି। ଆସନ୍ତା କିଛି ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ବଜ୍ରପାତ, ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ ଝଡ଼ ପବନ ବହିବାର ସମ୍ଭାବନା ଥିବାରୁ ଭାରତୀୟ ପାଣିପାଗ ବିଭାଗ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଏହାସହ ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ଅନୁଭୂତି ଜାରି ରହିବ ବୋଲି ମଧ୍ୟ ସତର୍କ କରାଯାଇଛି।

ଶୁକ୍ରବାର ଅପରାହ୍ନ ଓ ସନ୍ଧ୍ୟା ସମୟରେ ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘଣ୍ଟାପ୍ରତି ୬୦ରୁ ୭୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏହି କାରଣରୁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

ସେହିପରି ଶନିବାର ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାରେ ମଧ୍ୟ ବଜ୍ରପାତ, ଝଡ଼ ପବନ ଓ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ବରଗଡ଼, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟ ସହ ଅନେକ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି।

ପାଣିପାଗ ବିଭାଗ କହିଛି ଯେ, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା କିମ୍ବା ବଜ୍ରବର୍ଷା ହେବାର ସମ୍ଭାବନା ରହିଛି। ଏପଟେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ଥିବାରୁ ରାଜ୍ୟରେ ଖୁବଶୀଘ୍ର ମୌସୁମୀ ବର୍ଷା ସକ୍ରିୟ ହୋଇପାରେ।

ତେବେ ଝଡ଼ ଓ ପ୍ରବଳ ପବନ ଯୋଗୁଁ ଫସଲ, କଦଳୀ ବଗିଚା, କଚ୍ଚା ଘର ଓ ଦୁର୍ବଳ ନିର୍ମାଣ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଓଗଡ଼ ସତର୍କ କରିଛି। ବଜ୍ରପାତ ସମୟରେ ଘରୁ ବାହାରକୁ ନ ଯିବା, ଗଛ ତଳେ ଆଶ୍ରୟ ନ ନେବା ଏବଂ ବିଦ୍ୟୁତ୍ ଖୁଣ୍ଟ ଓ ଜଳାଶୟଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ସମୁଦ୍ର ଅଶାନ୍ତ ରହିବାରୁ ଉତ୍ତର ଓଡ଼ିଶା ଉପକୂଳକୁ ମାଛଧରାଳିଙ୍କୁ ସମୁଦ୍ରକୁ ନ ଯିବାକୁ ମଧ୍ୟ ପରାର୍ମ ଦିଆଯାଇଛି ।ଅନ୍ୟପକ୍ଷରେ ଆସନ୍ତା ତିନି ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ କମିବାର ସମ୍ଭାବନା ଥିଲେ ମଧ୍ୟ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର, ନୂଆପଡ଼ା ଓ ବରଗଡ଼ରେ ଆହୁରି ଦୁଇ ଦିନ ୪୨ରୁ ୪୪ ଡିଗ୍ରୀ ସେଲସିୟସ ତାପମାତ୍ରା ରହିପାରେ।

# ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳଙ୍କ ପ୍ରେସ ସୂଚନା

ନବରଙ୍ଗପୁର, ୨୯।୫(ନି.ପ୍ର.): ଆଜି ଅଶୋକ ମେହେତା ସମ୍ମିଳନୀ କକ୍ଷ,ନବରଙ୍ଗପୁରଠାରେ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ ଡ. ମହେଶ୍ୱର ସ୍ୱାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ଥଝଓଜଧ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଥିଲେ।ଜିଲ୍ଲାପାଳ ସାମ୍ବାଦିକ ସମ୍ମିଳନୀ ରେ ଭାରତିୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ମତଦାତା ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଜିଲ୍ଲାରେ ଆରମ୍ଭ ହୋଇଛି ବୋଲି କହିଥିଲେ। ଏହାର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ନାଗରିକଙ୍କ ନାମ ଅନ୍ତର୍ଭୁକ୍ତ କରିବା, ଅଯୋଗ୍ୟଙ୍କ ନାମ ବାଦ ଦେବା ଏବଂ ତାଲିକାକୁ ସଠିକ୍, ଅଦ୍ୟତନ,ସମ୍ପୂର୍ଣ୍ଣ ଓ ତ୍ରୁଟିମୁକ୍ତ କରିବା ବୋଲି ସୂଚନା ଦେଇଛନ୍ତି।

ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତସ୍ତରେ ବୁଥ୍ ସ୍ତରୀୟ ଅଧିକାରୀ ଥଇଖଡଧ ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜ ନାମ, ଠିକଣା ଓ ଅନ୍ୟାନ୍ୟ ତଥ୍ୟ ଯାଞ୍ଚ କରି ଆବଶ୍ୟକ ପଡ଼ିଲେ ଫର୍ମ ନଂ. ୬, ୭, ୮ ମାଧ୍ୟମରେ ଆବେଦନ କରିବେ।ସଂଶୋଧନ କାର୍ଯ୍ୟକୁ ସ୍ୱଚ୍ଛ, ନିରପେକ୍ଷ ଓ ସମୟାନୁସାରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପ୍ରତିବଦ୍ଧ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ସେ ଜିଲ୍ଲାର ସମସ୍ତ ମତଦାତା,ରାଜନୈତିକ ଦଳ, ଗଣମାଧ୍ୟମ ଓ ନାଗରିକ ସମାଜର ସହଯୋଗ ମଧ୍ୟ କାମନା କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ ର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରା ଏକ ସଚେତନତା ରଥକୁ ପତାକା ଦେଖାଇ ଉଦଘାଟନ କରାଯାଇଥିଲା କ୍ଷ ବର୍ତ୍ତମାନ ଜିଲ୍ଲାରେ ୭୩- ଉମରକୋଟ,୭୪ – ଝରିଗାଁ,୭୫ – ନବରଙ୍ଗପୁର ଏବଂ ୭୬ – ଡାବୁ ଗାଁ ନିର୍ବଚନ ମଣ୍ଡଳୀ ରେ ମୋଟ ୮,୫୮,୩୪୯ ଜଣ ମତଦାତା



ଭୋଟରେ ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି।ତନ୍ମଧ୍ୟରୁ ପୁରୁଷ ଭୋଟରେ ୪୨୨୮୧୬ ,ମହିଳା ଭୋଟରେ ୪୩୫୪୭୩ ଏବଂ ତୃତୀୟ ଲିଙ୍ଗ ଭୋଟରେ ୬୦ ଜଣ ଅଛନ୍ତି।ଜିଲାରେ ସମୁଦାୟ ୯୯୪ ଗୋଟିବୁଥ ସ୍ତରୀୟ ଅଧିକାରୀ ନିୟୋଜିତ ଅଛନ୍ତି କ୍ଷ ପ୍ରତ୍ୟେକ ବୁଥ ସ୍ତରୀୟ ଆଲୋଚନା ଅଧିକାରୀ ଙ୍କ ନିକଟରେ ୪ ଜଣ ସେଚ୍ଛାସେବୀ ରହିବେ।୩୦.୫.୨୦୨୬ ତାରିଖ ରୁ ଆରମ୍ଭ ହୋଇ ୨୮.୬.୨୦୨୬ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ଦେବେ ଏବଂ ମତଦାତା ତାହା ପୂରଣ କରି ବି ଏଲ ଓ ଙ୍କୁ ଫେରସ୍ତ କରିବେ।ଆସନ୍ତା ୫.୭.୨୦୨୬ ତାରିଖ ଦିନ ଡ୍ରାଫ୍ଟ ଭୋଟରେ ତାଲିକା ପ୍ରକାଶ ପାଇବ।୫.୭.୨୦୨୬ ରୁ ୪.୮.୨୦୨୬ ତାରିଖ ମଧ୍ୟରେ ମତଦାତା ନିୟମ ଅନୁଯାୟୀ ଦାବି ଏବଂ ଆପତ୍ତି ଦାଖଲ କରିପାରିବେ।ସେଭଳି ୫.୭.୨୦୨୬ ରୁ ୨.୯.୨୦୨୬ ମଧ୍ୟରେ ନୋଟିସ ଜାରି ଏବଂ ଦାବି ଆପତ୍ତି ର ନିଷ୍ପତ୍ତି କରାଯିବ।ଆସନ୍ତା ୬.୯.୨୦୨୬ ତାରିଖ ରେ ଚୂଡ଼ାନ୍ତ ଭୋଟରେ ତାଲିକା ପ୍ରକାଶ ପାଇବ।ମତଦାତା ଅଧିକ ସୁଚନା ପାଇଁ voters.eci.gov.in ପରିଦଶନ ସହ ECINET ଆପ ବ୍ୟବହାର କରିପାରିବେ। ଏହି ଅବସରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ଡ଼ ପ୍ରମୋଦ କୁମାର ପୃଷ୍ଟି,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ ଚନ୍ଦ୍ର ବର୍ମନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକଟର ନିର୍ବାଚନ ଚିନ୍ମୟ ସାହୁ, ପୌର ପରିଷଦର ନିର୍ବାହୀ ଅଧିକାରୀ ଡ଼. ଅଶୋକ କର୍ଣ୍ଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନଙ୍କ ସମେତ ନିର୍ବାଚନଶାଖା ର କର୍ମଚାରୀ ଏବଂ ଗଣମାଧ୍ୟମ ଜିଲ୍ଲା ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

# ଋତୁସ୍ରାବ ପରିଷ୍କାର ଓ ପରିଛନ୍ନତା ଦିବସ ପାଳିତ

ବଲାଙ୍ଗୀର, ୨୯।୫(ନି.ପ୍ର.): ଏକ ସୁସ୍ଥ, ସଚେତନ ଏବଂ ପିରିଅଡ୍-ଫ୍ରେଣ୍ଡଲି ସମାଜ ଗଠନର ଲକ୍ଷ୍ୟ ନେଇ ବରଗଡ଼ ଜିଲ୍ଲା ପାଟଣାଗଡ ବ୍ଲକ ଅନ୍ତର୍ଗତ ଫଟାମୁଣ୍ଡା ଗ୍ରାମପଞ୍ଚାୟତର ଠାରେ ପଲ୍ଲୀ ଆଲୋକ ପାଠାଗାର ଓ ରିବୁଲ୍ଡ ଇଣ୍ଡିଆ ସହାୟତା ରେ ଋତୁସ୍ରାବ ପରିଷ୍କାର ଓ ପରିଛନ୍ନତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ସୃଷ୍ଟି କରିବା ସହିତ ସମାଜରେ ରହିଥିବା ଅନ୍ଧବିଶ୍ୱାସ ଓ ଲଜ୍ଜାବୋଧକୁ ଦୂର କରିବା।

ଏହି ସଚେତନତା କାର୍ଯ୍ୟକ୍ରମରେ ଫଟାମୁଣ୍ଡା କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଅଙ୍ଗନୱାଡି କର୍ମୀ , ଆଶା କର୍ମୀ, ଏଏନଏମ, ୱାର୍ଡ ସଦସ୍ୟ, ସ୍ଥାନୀୟ ମାଆମାନେ ଏବଂ କିଶୋରୀ ଗୋଷ୍ଠୀର ସଦସ୍ୟମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ମାସିକ ସ୍ୱାସ୍ଥ୍ୟ ନେଇ ଖୋଲା ଆଲୋଚନା କରିଥିଲେ ଏବଂ ସୁସ୍ଥ ଜୀବନ ପାଇଁ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଜୋର ଦେଇଥିଲେ ।କାର୍ଯ୍ୟକ୍ରମରେ ପଲ୍ଲୀ ଆଲୋକ ପାଠାଗାରର ପ୍ରଶାନ୍ତ କୁଅଁର ମାସିକ ସମୟରେ ନିଜ ସ୍ୱାସ୍ଥ୍ୟର ଯତ୍ନ, ପୋଷଣଯୁକ୍ତ ଖାଦ୍ୟ ଗ୍ରହଣ, ସ୍ୱଚ୍ଛ ସାନିଟାରୀ ନାପକିନ ବ୍ୟବହାର ଓ ନିୟମିତ ସ୍ୱଚ୍ଛତା ଅଭ୍ୟାସ ଉପରେ ମୂଲ୍ୟବାନ ମତ ପ୍ରକାଶ କରିଥିଲେ। ମହିଳା ଓ କିଶୋରୀମାନଙ୍କୁ ନିର୍ଭୟ ଭାବରେ ନିଜ ସମସ୍ୟା ଆଲୋଚନା କରିବାକୁ ଉତ୍ସାହିତ କରାଇଥିଲେ । ଏହାସହ କାର୍ଯ୍ୟକ୍ରମରେ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା, ଯାହା ମାଧ୍ୟମରେ କିଶୋରୀମାନଙ୍କ ମଧ୍ୟରେ ମାସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଜ୍ଞାନ ବୃଦ୍ଧି ପାଇଥିଲା। ସଚେତନତା



ବୃଦ୍ଧି ପାଇଁ ଚିତ୍ରାଙ୍କନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ସୁନ୍ଦର ସଚେତନତାମୂଳକ ଚିତ୍ର ଅଙ୍କନ କରିଥିଲେ। ଅନ୍ତେ ସମସ୍ତ କିଶୋରୀ ଓ ମହିଳାମାନଙ୍କୁ ସାନିଟାରୀ ନାପକିନ ବଣ୍ଟନ କରାଯାଇଥିଲା। କିଶୋରୀ ମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ ଓ ପେଡ ବଣ୍ଟନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମ ସମାଜରେ ମାସିକ ସ୍ୱାସ୍ଥ୍ୟ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିବା ସହିତ କିଶୋରୀ ଓ ମହିଳାମାନଙ୍କୁ ସଚେତନ କରିବାରେ ଏକ ସଫଳ ପଦକ୍ଷେପ ରୂପେ ପରିଗଣିତ ହୋଇଛି। ଶେଷ ରେ ସସ୍ମିତା ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

**Editor : Sarat Raut**

**ସଂପାଦକ: ଶରତ ରାଉତ**